ଧରିତ୍ରୀ
DHARITRI
October 31-November 6, 2021 ₹2/-

ଛୁଟିଦିନ

# ଝୋଟର କାରିଗରି




ଓଡ଼ିଶାର କଳା କାରିଗରି କ୍ଷେତ୍ରରେ ଝୋଟ କାରିଗରିର ରହିଛି ଏକ ପ୍ରମୁଖ ଭୂମିକା, ଯାହାକି ଚାଷୀ ଓ କାରିଗରଙ୍କୁ ରୋଜଗାର ଦେବା ସହ ଦେଶ ବିଦେଶରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛି...

୪ ପ୍ରଚ୍ଛଦ ପ୍ରସଙ୍ଗ

# ଦୀପାବଳିରେ କେମିତି ହେବ ଧନପ୍ରାପ୍ତି

**ସୁ**ଖ ସମୃଦ୍ଧିର ପ୍ରତୀକ ହେଉଛି ଦୀପାବଳି ପର୍ବ। ଏହା ପୂର୍ବରୁ ପଡ଼ିଥାଏ ଧନ୍‌ତେରାସ୍‌। କୁହାଯାଏ, ଧନ୍‌ତେରାସ୍ ହେଉ ଅବା ଦୀପାବଳି ଦିନ ଯଦି ସୁନା ରୁପା ଅଳଙ୍କାର କିଣାଯାଏ କିମ୍ବା କୌଣସି ନୂଆ ଜିନିଷକୁ କିଣି ଘରକୁ ଅଣାଯାଏ ତା’ହେଲେ ମହାଲକ୍ଷ୍ମୀ ପ୍ରସନ୍ନ



ହୋଇଥାନ୍ତି ଆଉ ଘରେ ଐଶ୍ୱର୍ଯ୍ୟ ବୃଦ୍ଧି ପାଇଥାଏ। କିନ୍ତୁ ଜ୍ୟୋତିର୍ବିଦଙ୍କ ମତରେ, ଦୀପାବଳି ଦିନ କେବଳ ଯେ ଦାମୀ ଜିନିଷ କିଣିଲେ ମା’ ଖୁସି ହେବେ କି ଆର୍ଶୀବାଦ କରିବେ ତାହା ନୁହେଁ, ଏମିତି ବି କିଛି ସାମାନ୍ୟ ଜିନିଷ ରହିଛି, ଯାହାକୁ ଏହିଦିନ କିଣିଲେ ମା’ଙ୍କର କୃପା ଲାଭ ହୋଇଥାଏ। ଯେମିତି କି: ଲୁଣ, ଏହା ସାମାନ୍ୟ ଲାଗିଲେ ବି ଏହାର ସମ୍ବନ୍ଧ ମାତା ଲକ୍ଷ୍ମୀଙ୍କ ସହିତ ରହିଛି। ତେଣୁ ଧନ୍‌ତେରାସ ହେଉ ଅବା ଦୀପାବଳି ଆପଣ ଯଦି ସୁନାରୁପା କିଣିବାକୁ ଅସମର୍ଥ ତା’ହେଲେ ଗୋଟିଏ ଲୁଣ ପ୍ୟାକେଟ୍ ଘରକୁ କିଣି ଆଣନ୍ତୁ, ଏଥିରେ ବି ମହାଲକ୍ଷ୍ମୀ ଖୁସି ହେବେ। ସେହିପରି କିଛି ଖଣ୍ଡ ହଳଦୀକୁ ବି ଏହିଦିନ କିଣିବା ଅତ୍ୟନ୍ତ ଶୁଭ ହୋଇଥାଏ। ଅନ୍ୟପକ୍ଷେ ଧନ୍‌ତେରାସ୍ ହେଉ ଅବା ଦୀପାବଳିରେ ଗୋମତି ଚକ୍ର କିଣିବା ମଧ୍ୟ ଏକ ଶୁଭ ସଙ୍କେତ ହୋଇଥାଏ। ଶ୍ରୀଯନ୍ତ୍ର ଅବା କୁବେର ଯନ୍ତ୍ରକୁ ଏହିଦିନ ଘରକୁ ଆଣି ଧନଥିବା ସ୍ଥାନରେ ରଖିଲେ କ୍ରମେ ଘରେ ଐଶ୍ୱର୍ଯ୍ୟ ବୃଦ୍ଧି ପାଇଥାଏ। ସେହିପରି କୁହାଯାଏ, ଧନ୍‌ତେରାସ୍ ଅବା ଦୀପାବଳି ଦିନ କିଛି କଉଡ଼ିକୁ ଆଣି ଠାକୁର ଘରେ ହେଉ ଅବା ସିନ୍ଦୁକରେ ରଖିଲେ ଘରୁ କ୍ରମେ ଅଭାବ ଦୂର ହୋଇଯାଏ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଅକ୍ଟୋବର ୩୧-ନଭେମ୍ବର ୬

**ମେଷ**

ନୂତନ ଯୋଜନାରମ୍ଭ, ବିଳମ୍ବରେ କାର୍ଯ୍ୟସିଦ୍ଧି, ଦକ୍ଷତାରୁ ସମ୍ମାନଲାଭ, ଭୁଲ୍ ନିଷ୍ପତ୍ତିରୁ ସମସ୍ୟା, ଆର୍ଥିକ କ୍ଷତି, ପାରିବାରିକ ମତାନ୍ତର, କର୍ମକ୍ଷେତ୍ରରେ ବିତର୍କ, ସଭାସମିତିକୁ ନିମନ୍ତ୍ରଣ, ନୂତନ ସ୍ଥାନ ପରିଦର୍ଶନର ସୁଯୋଗ ଲାଭ।

**ବୃଷ**

ଶୃଙ୍ଖଳିତ ପାରିବାରିକସ୍ଥିତି, କଳାରେ ଉତ୍କର୍ଷତା, ସାମ୍ବାଦିକତାରୁ ଗୌରବ, କ୍ରୀଡ଼ା ନୈପୁଣ୍ୟତା, ଚଳଚ୍ଚିତ୍ରରେ ବିବାଦ, ଆତ୍ମୀୟଙ୍କ ଅନାସ୍ଥାଭାବ, ସନ୍ତାନଙ୍କ ଉନ୍ନତି, ସାମାଜିକ ସମ୍ମାନ, ନୂତନ ସ୍ଥାନ ପରିଭ୍ରମଣ।

**ମିଥୁନ**

ସ୍ୱାସ୍ଥ୍ୟରେ ଉନ୍ନତି, ପାରିବାରିକ ସଦ୍‌ଭାବ, ସାମାଜିକ ସମ୍ମାନ, ସାହାଯ୍ୟପ୍ରାର୍ଥୀ ହେବେ, ବନ୍ଧୁଙ୍କ ଆଦର ଅଭ୍ୟର୍ଥନା, ରାଜନୈତିକ ପୃଷ୍ଠପୋଷକତା, ଆନୁଷ୍ଠାନିକ ତତ୍ପରତା, ସହକର୍ମୀଙ୍କ ବିରୋଧାଭାସ।

**କର୍କଟ**

ଗ୍ରହଣଯୋଗ୍ୟ ଉନ୍ନତ ଚିନ୍ତା, ସୁପରିକଳ୍ପିତ ଯୋଜନା, ନିୟନ୍ତ୍ରିତ ସମସ୍ୟା, କର୍ମାରମ୍ଭରେ ଅନୁତାପ, ମିତ୍ର ସହ ଶତ୍ରୁତା, ପାରିବାରିକ ବୁଝାମଣା, ବିଦେଶ ଯାତ୍ରା, ଶିଳ୍ପ ବାଣିଜ୍ୟରେ ଉନ୍ନତି, ମାଲିମକଦ୍ଦମାରେ ବିଜୟ।

**ସିଂହ**

ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ, ନୂତନ କାର୍ଯ୍ୟାରମ୍ଭ, ଆର୍ଥିକ ସହଯୋଗ, ସମ୍ପର୍କୀୟଙ୍କ ବଦାନ୍ୟତା ପ୍ରକାଶନରେ ବିଳମ୍ବ, ଆଇନ ସହାୟତାପ୍ରାପ୍ତି, ରପ୍ତାନି ବାଣିଜ୍ୟରେ ପ୍ରତିବନ୍ଧକ, ନୂତନ ଗୃହ ନିର୍ମାଣ।

**କନ୍ୟା**

ପରିସ୍ଥିତି ବଦଳିବ, ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନି, ଆର୍ଥିକ ଅବନତି, କର୍ମକ୍ଷେତ୍ରରେ ପ୍ରତିବନ୍ଧକ, ସାହାଯ୍ୟ ସହଯୋଗ ପାଇବେ, ଜମିଜମା କିଣାବିକା, ବିଦେଶଯାତ୍ରାର ସୁଯୋଗ।

**ତୁଳା**

ଅର୍ଥନୈତିକ ପ୍ରଗତି, ସାମାଜିକ ସ୍ୱୀକୃତି, ବ୍ୟାଙ୍କଲୋନ୍ ପାଇବେ, ମାନସିକ ଚାପ କମିବ, ପରୋକ୍ଷଶତ୍ରୁତାରୁ କଳହ, ପାରିବାରିକ ଅଶାନ୍ତି, ବନ୍ଧୁଙ୍କ ମିଥ୍ୟାରୋପ, ସାମାଜିକ ଅପନିନ୍ଦା, ସନ୍ତାନହେତୁକ ଗୌରବ, ପ୍ରଶାସନିକ ସଫଳତା।

**ବିଛା**

ସ୍ଥଗିତ କାର୍ଯ୍ୟାରମ୍ଭ, ସରକାରୀ ସହାୟତା, ମକଦ୍ଦମାରେ ବିଜୟ ପ୍ରାପ୍ତି, ପାରିବାରିକ ସୌହାର୍ଦ୍ଦ୍ୟତା, ମାଙ୍ଗଳିକ କାର୍ଯ୍ୟାଲୋଚନା, ଅଭିଳାଷ ପୂରଣ, ଯାନବାହନ କ୍ରୟ, ବିଦେଶୀ ବନ୍ଧୁଙ୍କ ସାହାଯ୍ୟ ପ୍ରାପ୍ତି, ଆତ୍ମୀୟଙ୍କ ପରୋକ୍ଷ ଶତ୍ରୁତା।

**ଧନୁ**

ପ୍ରତିକୂଳ ପରିସ୍ଥିତି, ବନ୍ଧୁ ସମ୍ପର୍କହାନି, କାର୍ଯ୍ୟାରମ୍ଭରେ ପ୍ରତିବନ୍ଧକ, ପାରିବାରିକ ଭୁଲ୍ ବୁଝାମଣା, ଗୁରୁଜନଙ୍କ ପରାମର୍ଶ, ମାନସିକ ଆଶ୍ୱସ୍ତି, କାରଖାନାରେ ବିବାଦ, ସ୍ୱାସ୍ଥ୍ୟ ସମସ୍ୟାରୁ ମନସ୍ତାପ, ଆତ୍ମୀୟଙ୍କ ଅନାଦର ଭାବ।

**ମକର**

ବିଳମ୍ବରେ କାର୍ଯ୍ୟସିଦ୍ଧି, ଗୁରୁତ୍ୱପୂର୍ଣ୍ଣ ଆଲୋଚନା, ଠିକ୍ ପଦକ୍ଷେପ ନେବେ, ଆତ୍ମୀୟଙ୍କ ଅସହଯୋଗ, ପରୋକ୍ଷ ଶତ୍ରୁତା, ସାମାଜିକ ସମ୍ମାନ, ବନ୍ଧୁ ମିଳନ, ପରିବହନରେ ସଂସ୍କାର, ଶରୀର ପୀଡା।

**କୁମ୍ଭ**

ସମସ୍ୟାର ଆଶୁ ସମାଧାନ, ରାଜନୈତିକ ପୃଷ୍ଠପୋଷକତା, ସୁଦୃଢ ସାଂଗଠନିକ ସ୍ଥିତି, କଳାକ୍ଷେତ୍ରରେ ସୁନାମ, ପବ୍ଲିକେଶନରେ ବାଧା, ଶିକ୍ଷାରେ ଅଗ୍ରଗତି, ଉତ୍ସବାନୁଷ୍ଠାନରୁ ପୁରସ୍କାର, ପରିବହନରେ ଝଗଡା, ବନ୍ଧୁ ମିଳନ।

**ମୀନ**

ମାନସିକ ଚାପଗ୍ରସ୍ତ, କୌଣସି କାର୍ଯ୍ୟ ଅଟକିବ ନାହିଁ, ସମ୍ପର୍କୀୟମାନଙ୍କ ସାହଚର୍ଯ୍ୟ, ସ୍ୱାସ୍ଥ୍ୟ ସମସ୍ୟା,ପରୋକ୍ଷ ଶତ୍ରୁତା,ପ୍ରତିକୂଳତା ଦୂରହେବ, ପ୍ରତିବନ୍ଧକର ବାତାବରଣ, ବ୍ୟବସାୟରେ ଉନ୍ନତି, ଚୁକ୍ତିପତ୍ର କରିପାରନ୍ତି, ପ୍ରତିଯୋଗିତାରେ ସଫଳତା।

# ଦୀପ ଜାଳିବାକୁ ନେଇ ନିୟମ

**ଆ**ଲୋକର ପର୍ବ ଦୀପାବଳି। ସୁଖ, ଶାନ୍ତି, ସମୃଦ୍ଧି ତଥା ଅନ୍ଧକାର ଉପରେ ଆଲୋକର ବା ଅସତ୍ୟ ଉପରେ ସତ୍ୟର ବିଜୟ ପ୍ରତୀକ ଭାବେ ଏହାକୁ ମୁଖ୍ୟତଃ ପାଳନ କରାଯାଇଥାଏ। ଏହିଦିନ ଗାଁରୁ ଆରମ୍ଭ କରି ସହର ସବୁଠି ନାନାଦି ରଙ୍ଗବେରଙ୍ଗର ଆଲୋକରେ ଘର, ରାସ୍ତାଘାଟ ଆଦି ସଜାଇ ଦିଆଯାଇଥାଏ। ଦୀପ ବି ଜଳାଯାଇଥାଏ। ତେବେ ବାସ୍ତୁଶାସ୍ତ୍ରାନୁଯାୟୀ, ଦୀପାବଳି ଦିନ ଦୀପ ଜାଳିବାକୁ ନେଇ ରହିଛି କିଛି ନିୟମ। ଯେମିତି କି:

*ଦୀପାବଳି ଦିନ ଠାକୁର ଘର, ଦାଣ୍ଡ ଦୁଆର ତଥା ତୁଳସୀ ଚଉଁରା ମୂଳେ ଦୀପ ଜାଳିବା ସହ ନିକଟରେ ଯଦି ଅଶ୍ୱତ୍ଥ ଗଛ ରହିଛି, ତା’ହେଲେ ତା’ର ମୂଳରେ ମଧ୍ୟ ଦୀପଟିଏ ଜାଳି ଦିଅନ୍ତୁ। କୁହାଯାଇଥାଏ, ଅଶ୍ୱତ୍ଥ ଗଛରେ କୁଆଡ଼େ ତେତିଶ କୋଟି ଦେବଦେବୀ ବାସ କରିଥାନ୍ତି। ତେଣୁ ଏହା ମୂଳରେ ଦୀପ ଜାଳିଲେ ମାତା ଲକ୍ଷ୍ମୀ ପ୍ରସନ୍ନ ହୋଇଥାନ୍ତି ବୋଲି ବିଶ୍ୱାସ ରହିଛି।



*ସେହିପରି ଦୀପାବଳି ଦିନ ଘରର ମୁଖ୍ୟଦ୍ୱାରର ଉଭୟ ପାଖେ ନିଶ୍ଚିତ ଭାବେ ଦୁଇଟି ଦୀପ ଜଳାଇବା ଦରକାର। କୁହାଯାଏ, ଏହାଦ୍ୱାରା ମହାଲକ୍ଷ୍ମୀ ଖୁସି ହୋଇଥାନ୍ତି। କାରଣ ତାଙ୍କୁ ଅନ୍ଧାରୁଆ ସ୍ଥାନ ବା ଅନ୍ଧାର ଘର ଆଦୌ ଭଲ ଲାଗେ ନାହିଁ। ତେଣୁ ତାଙ୍କୁ ସ୍ୱାଗତ କରିବା ପାଇଁ ଏହାଠାରୁ ଭଲ ଆଉ ସହଜ ଉପାୟ ଆଉ କ’ଣ ହୋଇପାରେ।

# ପାଠକୀୟ

*ଜଳରେ ବିଭିନ୍ନ ପ୍ରକାରର କ୍ରୀଡ଼ାକୌଶଳ ଦେଖାଇବା କିଛି ନୂଆ କଥା ନୁହେଁ, କିନ୍ତୁ ଏହାକୁ ଆଧାର କରି ଏବେ କେତେଜଣ ଜଳରେ ଯୋଗ କରିବାର କୌଶଳ ଆପଣେଇଛନ୍ତି, ଯାହାକୁ ନେଇ ଏଥର ସ୍ୱତନ୍ତ୍ର ଭାବେ ଉପସ୍ଥାପନା ହୋଇଛି ପ୍ରଚ୍ଛଦ ପ୍ରସଙ୍ଗ ‘ଜଳରେ କୌଶଳ’। ଏହା ଏକ ଅତ୍ୟନ୍ତ ଉପାଦେୟ ଆଲେଖ୍ୟ ଥିଲା। ‘ଗଛ ବଦଳାଇଦେବ ଭାଗ୍ୟ’ ଏବଂ ‘କ’ଣ ସଙ୍କେତ ଦିଏ ସ୍ୱପ୍ନ’ ଆଦି ପାଠଦୁଇଟିରୁ ଅନେକ କିଛି ଅଜଣା କଥା ଜାଣିହେଲା।

*–ତନୁଜା ପୁରୋହିତ, ଷ୍ଟେଶନ ବଜାର, ଖୋର୍ଦ୍ଧା*

*ଶରୀରର ନାନା କାର୍ଯ୍ୟକଳାପ ମଧ୍ୟରେ ସାମଞ୍ଜସ୍ୟ ରଖିବା ପାଇଁ ଯୋଗ ଓ ପ୍ରାଣାୟାମ ଖୁବ୍ ଉପକାରୀ। ତେବେ ଯୋଗାସନରେ ଶରୀର ସୁସ୍ଥ ରହେ। ନୀରୋଗ ରହିବାର ଏହା ହେଉଛି ସବୁଠୁ ବଳିଷ୍ଠ ମାଧ୍ୟମ। ସେହିପରି ଏକ ଉତ୍ତମ ଯୋଗ ହେଉଛି ଜଳରେ ବିଭିନ୍ନ ପ୍ରକାରର କ୍ରୀଡ଼ାକୌଶଳ ଦେଖାଇବା। ଏଭଳି ଦୁଃସାହସିକ କ୍ରୀଡ଼ାକୌଶଳ ଦେଖାଇ ବେଶ୍ ନାଁ କମାଇଥିବା କେତେଜଣ ବ୍ୟକ୍ତିଙ୍କୁ ନେଇ ଉପସ୍ଥାପନା ହୋଇଥିବା ଏଥରର ଛୁଟିଦିନର ପ୍ରଚ୍ଛଦ ପ୍ରସଙ୍ଗ ‘ଜଳରେ କୌଶଳ’ଟି ଏକ ସମୟୋପଯୋଗୀ ବିଷୟ ଥିଲା। ସେହିପରି ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ ‘ପଫ୍ ସ୍ଲିଭ୍ ଫ୍ୟାଶନ’ ସମ୍ପର୍କରେ ବି ବହୁ ଶିକ୍ଷଣୀୟ କଥା ଜାଣିହେଲା।

*–ଶୁଭ୍ରପ୍ରକାଶ ଷଡ଼ଙ୍ଗୀ, ଜି.ଜି.ପି. କଲୋନୀ, ଭୁବନେଶ୍ୱର*

*ଏଥରର ବ୍ୟକ୍ତିତ୍ୱ ପୃଷ୍ଠାରୁ ଶ୍ରୀଜଗନ୍ନାଥ ସଂସ୍କୃତିର ଗବେଷକ ତଥା ଶିକ୍ଷାବିତ୍ ଡ.ସୁରେନ୍ଦ୍ର ନାଥ ଦାଶଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ସେହିପରି ସୃଜନ ପୃଷ୍ଠାରେ ସ୍ଥାନିତ ‘ସଚେତକ’ ନାମକ ଗପଟି ବେଶ୍ ହୃଦୟସ୍ପର୍ଶୀ ହୋଇପାରିଥିଲା। ଅନ୍ୟପକ୍ଷେ ସିନେମା ପୃଷ୍ଠାରେ ସ୍ଥାନିତ ‘ବିନ୍ଦାସ୍ ୟାମି’, ‘ଅପେକ୍ଷା ଆସନ୍ତା ବର୍ଷକୁ’ଏବଂ ‘ଧଡକନ୍‌ରେ ତୁ’ ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ଖୁବ୍ ମନଛୁଆଁ ହୋଇପାରିଥିଲା।

*–ସରୋଜିନୀ ନାୟକ, ହେରାଗୌରୀ ସାହି, ପୁରୀ*

*ଏଥରର ସାଥୀର ହେଡିଂ ‘ମନମୋହିନୀର ଚୋରା ଚାହାଣି, ତହିଁରେ ରହିଛି ପ୍ରେମ କାହାଣୀ’ ବେଶ୍ ହୃଦୟସ୍ପର୍ଶୀ ହୋଇପାରିଥିଲା। ସେହିପରି ପ୍ରଥମ ରୋଜଗାର ସ୍ତମ୍ଭରୁ ଆକାଶବାଣୀର ସ୍ୱୀକୃତିପ୍ରାପ୍ତ କଣ୍ଠଶିଳ୍ପୀ ସ୍ମୃତିଲିପି ଦ୍ୱିବେଦୀଙ୍କ ରୋଜଗାର ସମ୍ପର୍କିତ ଅନୁଭୂତି ସମ୍ପର୍କରେ ପଢିଲି, ମୋତେ ଖୁବ୍ ଭଲ ଲାଗିଲା। ଅନ୍ୟପକ୍ଷେ ଦଶହରା ଅବସରରେ ରାବଣ ପୋଡି କଥା ପ୍ରାୟ ସମସ୍ତେ ଜାଣିଥାନ୍ତି। କିନ୍ତୁ ଏମିତି ବି ଅନେକ ସ୍ଥାନ ଅଛି, ଯେଉଁଠି ରାବଣଙ୍କୁ ପୂଜା ମଧ୍ୟ କରାଯାଇଥାଏ ; ଏ ସମ୍ପର୍କରେ ଛୁଟିଦିନରୁ ସ୍ୱତନ୍ତ୍ର ଆଲେଖ୍ୟ ପଢି ବହୁତ କଥା ଜାଣିପାରିଲି।

*–ରଶ୍ମିରେଖା ମହାନ୍ତି, ନୟାଗଡ଼*




## ବିଶେଷ ଚିଠି

**ଆ**ହେ ମୋ ପ୍ରିୟ ଛୁଟିଦିନ
ପ୍ରଚ୍ଛଦ ଲାଗେ ତୁମ ଅତି ଉତ୍ତମ।
ନାନାଦି ବିଷୟ ଏଥିରୁ ଜାଣିହୁଏ
ଆହୁରି ଶିଖିବାକୁ ଭାରି ଇଚ୍ଛା ଥାଏ।
ତା’ପରେ ଆସେ ସୃଜନ ଓ ସିନେମା
ଏହା ମଧ୍ୟ କରିଥାଏ ସଭିଙ୍କୁ କିମିଆ।
ତୁମ ମଡେଲ୍ ବି ଲାଗେ ଭାରି ଚମତ୍କାର
କେହି ହେବେ ନାହିଁ ସମ ତୁମ ବିବିଧାର।
ଏହିପରି ଷୋହଳ ପୃଷ୍ଠାରେ ତୁମେ ଆସୁଥାଅ
ସମସ୍ତଙ୍କୁ ଏମିତି ବଶ କରୁଥାଅ।

*–ରାହାସ ବିହାରି ଦାଶ, ଆଳି, କେନ୍ଦ୍ରାପଡ଼ା*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# କ୍ୟାଣ୍ଡେଲ ହୋଲ୍ଡର୍

**ଆଲୋକର ପର୍ବ ଦୀପାବଳିରେ ଘରକୁ ସୁନ୍ଦରଭାବେ ସଜାଇବା, ଦୀପ, କ୍ୟାଣ୍ଡେଲ ଜଳାଇ ଘରକୁ ଆଲୋକମୟ କରିବାକୁ ସମସ୍ତେ ଚାହାନ୍ତି। ତେବେ ଏଥର ଦୀପାବଳିରେ କ୍ୟାଣ୍ଡେଲକୁ ଯଦି କିଛି ଆକର୍ଷଣୀୟ ଡେକୋରେଟିଭ୍ କ୍ୟାଣ୍ଡେଲ ହୋଲ୍ଡର ଭିତରେ ଜଳାଇବେ ଦେଖିବେ ଘରର ସୌନ୍ଦର୍ଯ୍ୟ ନିଶ୍ଚିତଭାବେ ଦ୍ୱିଗୁଣିତ ହୋଇଯିବ। ଆଉ ଏହାକୁ ନିଜେ ଘରେ ମଧ୍ୟ ତିଆରି କରିପାରିବେ...**





**କୁନ୍ଦନ କ୍ୟାଣ୍ଡେଲ ହୋଲ୍ଡର:** କାର୍ଡବୋର୍ଡକୁ ଗୋଲାକାରରେ କାଟି ତା'ଉପରେ ରଙ୍ଗବେରଙ୍ଗର କୁନ୍ଦନକୁ ଗୋଲାକାରରେ ସଜାଇ ରଖି ଅବା ନିଜ ଇଚ୍ଛାରେ ସୁନ୍ଦର ଡିଜାଇନ୍‌ରେ ଅଠା ଲଗାନ୍ତୁ। କାର୍ଡ ବୋର୍ଡର ମଝିଭାଗରେ କ୍ୟାଣ୍ଡେଲ ରଖିବା ପାଇଁ ସ୍ଥାନ ଛାଡ଼ିବେ। ଦେଖିବେ ସୁନ୍ଦର କ୍ୟାଣ୍ଡେଲ ହୋଲ୍ଡର ପ୍ରସ୍ତୁତ ହୋଇଯିବ।

**ପ୍ଲାଷ୍ଟିକ ଚାମଚ କ୍ୟାଣ୍ଡେଲ ହୋଲ୍ଡର:** ଖୁବ କମ୍ ଟଙ୍କା ଖର୍ଚ୍ଚକରି ଆକର୍ଷଣୀୟ କ୍ୟାଣ୍ଡେଲ ହୋଲ୍ଡର ତିଆରି କରିପାରିବେ ପ୍ଲାଷ୍ଟିକ୍ ଚାମଚରେ। କିଛି ପ୍ଲାଷ୍ଟିକ ଚାମଚର ହ୍ୟାଣ୍ଡେଲ କାଟି ଦିଅନ୍ତୁ। ତାକୁ ମନପସନ୍ଦର ରଙ୍ଗ ଅବା ଚାହିଁଲେ ଗୋଲ୍ଡେନ୍ କଲର୍‌ରେ ପେଣ୍ଟ କରନ୍ତୁ। ଏହାପରେ ଏକ ପ୍ଲାଷ୍ଟିକ ଡବାର ଗୋଲାକାର ଠିପି ଅବା ଗୋଲାକାର କାଠ ଖଣ୍ଡ ଚାରିପଟେ ଏହି ପ୍ଲାଷ୍ଟିକ ଚାମଚକୁ ଅଠାରେ ଲଗାନ୍ତୁ। ପଦ୍ମଫୁଲ ପାଖୁଡ଼ା ପରି ଦୁଇ ତିନୋଟି ଲେୟରରେ ଏହାକୁ ଲଗାନ୍ତୁ। ଦେଖିବେ ଖୁବ୍ ସୁନ୍ଦର କ୍ୟାଣ୍ଡେଲ ହୋଲ୍ଡର ପ୍ରସ୍ତୁତ ହୋଇଯିବ। ଏଥିରେ ଆପଣ ନିଜ ଇଚ୍ଛାନୁସାରେ ଆଉ କିଛି ଡେକୋରେସନ୍ ବି କରିପାରିବେ। ଏହି ସୁନ୍ଦର କ୍ୟାଣ୍ଡେଲ ହୋଲ୍ଡର ମଝିରେ କ୍ୟାଣ୍ଡେଲ ଜଳାଇଲେ ଘରର ସୌନ୍ଦର୍ଯ୍ୟ ବଢ଼ିଯିବ।



**ଶାମୁକା କ୍ୟାଣ୍ଡେଲ ହୋଲ୍ଡର:** ଶାମୁକା ସଂଗ୍ରହ କରି ତାକୁ କିଛି ସୁନ୍ଦର ରଙ୍ଗରେ ରଙ୍ଗେଇ ଦିଅନ୍ତୁ। ଏହାପରେ କାର୍ଡବୋର୍ଡକୁ ଗୋଲାକାରରେ କାଟନ୍ତୁ। କାର୍ଡବୋର୍ଡରେ ଅଠା ଲଗାଇ ରଙ୍ଗାଯାଇଥିବା ଶାମୁକାକୁ ପଦ୍ମଫୁଲର ପାଖୁଡ଼ା ପରି ଅନେକ ଲେୟରରେ ଲଗାଇ ଦିଅନ୍ତୁ। ମଝି ଭାଗ ଖାଲି ରଖିବେ ଯେମିତି କି କ୍ୟାଣ୍ଡେଲ ରଖିହେବ।

**ସିଡୀ କ୍ୟାଣ୍ଡେଲ ହୋଲ୍ଡର:** ଅଦରକାରୀ ସିଡୀକୁ ବ୍ୟବହାର କରି ମଧ୍ୟ ଖୁବ୍ ସୁନ୍ଦର କ୍ୟାଣ୍ଡେଲ ହୋଲ୍ଡର ତିଆରି କରିହେବ। ସିଡୀ ଉପରେ ମାର୍କର ସାହାଯ୍ୟରେ ମନପସନ୍ଦ ଡିଜାଇନ୍‌ର ଆଉଟ ଲାଇନ୍ କରନ୍ତୁ। ଏହାପରେ ଅଠାଲଗାଇ ଆଉଟ୍ ଲାଇନ୍ ଉପରେ ବିଡ୍ସ, କୁନ୍ଦନକୁ ଲଗାଇ ଦିଅନ୍ତୁ। ଚାହିଁଲେ ଗ୍ଲିଟର୍ ବି ବ୍ୟବହାର କରିପାରିବେ। କ୍ୟାଣ୍ଡେଲ ରଖିବା ପାଇଁ ମଝିଭାଗ ଖାଲି ରଖିବେ। ଅଠା ଶୁଖିଗଲା ପରେ ଦେଖିବେ କେତେ ସୁନ୍ଦର କ୍ୟାଣ୍ଡେଲ ହୋଲ୍ଡର ପ୍ରସ୍ତୁତ ହୋଇଛି।



**ଚୁଡ଼ି କ୍ୟାଣ୍ଡେଲ ହୋଲ୍ଡର:** ସମସ୍ତଙ୍କ ଘରେ ବିଭିନ୍ନ ରଙ୍ଗର ଓ ଡିଜାଇନ୍‌ର ଚୁଡ଼ି ନିଶ୍ଚୟ ଥିବ। ଏଇ ଚୁଡ଼ି ସାହାଯ୍ୟରେ ବି ସୁନ୍ଦର କ୍ୟାଣ୍ଡେଲ ହୋଲ୍ଡର ତିଆରି କରିହେବ। ଏଥିପାଇଁ କାଚ ଚୁଡ଼ି ବ୍ୟବହାର କଲେ ଭଲ। ସୁନ୍ଦର ରଙ୍ଗର ପ୍ଲେନ୍ ଚୁଡ଼ିକୁ ଗୋଟିକ ଉପରେ ଗୋଟିଏ ଅଠା ସାହାଯ୍ୟରେ ଲଗାନ୍ତୁ। ପ୍ରାୟ ୭-୮ ସେ.ମି. ଉଚ୍ଚତା ପର୍ଯ୍ୟନ୍ତ ଚୁଡ଼ିକୁ ଥାକ କରି ଅଠା ଲଗାଇ ରଖିବେ। ଚାହିଁଲେ ଏହାକୁ ବିଡ୍ସ, ପର୍ଲ ଲଗାଇ ସଜାଇପାରିବେ। ଡିଜାଇନ୍ ଚୁଡ଼ି ବି ବ୍ୟବହାର କରିପାରିବେ। ପରେ ଏହା ଭିତରେ କ୍ୟାଣ୍ଡେଲ ରଖି ଜଳାନ୍ତୁ ଦେଖିବେ କେତେ ସୁନ୍ଦର ଦେଖାଯିବ।

**ଆର୍ଟିଫିସିଆଲ ଫ୍ଲାୱାର ଓ ପର୍ଲ:** ସିଡୀ କିମ୍ବା କାର୍ଡବୋର୍ଡକୁ ଗୋଲାକାରରେ କାଟି ତା' ଉପରେ ସୁନ୍ଦର ସୁନ୍ଦର ଆର୍ଟିଫିସିଆଲ ଫୁଲ ଓ ପର୍ଲକୁ ଅଠାରେ ଲଗାଇ ମଧ୍ୟ ସୁନ୍ଦର କ୍ୟାଣ୍ଡେଲ ହୋଲ୍ଡର ତିଆରି କରିହେବ।

**ପମ୍ ପମ୍ କ୍ୟାଣ୍ଡେଲ ହୋଲ୍ଡର:** ପମ୍ ପମ୍ ଦେଖିବାକୁ ବହୁତ କ୍ୟୁଟ୍ ଓ ସୁନ୍ଦର। ଗୋଲାକାର କାର୍ଡବୋର୍ଡ ଉପରେ ବିଭିନ୍ନ ରଙ୍ଗର ପମ୍ ପମ୍‌କୁ ଗୋଟେ ପରେ ଗୋଟେ ଲେୟାର୍ କରି ଅଠାରେ ଲଗାଇ କ୍ୟାଣ୍ଡେଲ ହୋଲ୍ଡର ତିଆରି କରନ୍ତୁ। ଅଧିକ ଡେକୋରେସନ୍ ପାଇଁ ପର୍ଲ, ବିଡ୍ସ ବି ବ୍ୟବହାର କରିପାରିବେ।







# ଝୋଟ କାରିଗରି

ଓଡ଼ିଶାର ଯେଉଁସବୁ କଳାକାରିଗରି ଦେଶବିଦେଶରେ ପ୍ରସିଦ୍ଧି ଲାଭ କରିଛି ସେଥିରେ ଝୋଟର ରହିଛି ଏକ ସ୍ୱତନ୍ତ୍ର ସ୍ଥାନ। ଝୋଟ ପାଇଁ ବିଶେଷକରି ଉପକୂଳ ଅଞ୍ଚଳର ବିଭିନ୍ନ ଜାଗାରେ ନଳିତା ଚାଷ କରାଯାଏ। ଯେଉଁଥିରୁ ଝୋଟ ସଂଗ୍ରହ କରାଯାଏ। ହସ୍ତଶିଳ୍ପ କାରିଗରମାନେ ଝୋଟରେ ନାନା ପ୍ରକାର କଳାକୃତି ତିଆରି କରିବା ସହିତ ଝୋଟ କାରିଗରୀକୁ ଦେଇଛନ୍ତି ଏକ ସ୍ୱତନ୍ତ୍ର ପରିଚୟ..

**ନଳିତା ଚାଷ**– ସାଧାରଣତଃ ନଦୀ ଉପକୂଳବର୍ତ୍ତୀ ଅଞ୍ଚଳରେ ଏହି ଚାଷ ହୋଇଥାଏ। କାରଣ ଏହି ଅଞ୍ଚଳର ମୃତ୍ତିକା ଓ ଜଳବାୟୁ ନଳିତା ଚାଷ ପାଇଁ ବେଶ ଅନୁକୂଳ। ବିଶେଷକରି ସୁବର୍ଣ୍ଣରେଖା ନଦୀ ଅବବାହିକାରେ ଥିବା ବାଲିଆପାଳ ବ୍ଲକର କୁମ୍ଭାରୀ, ନିଖିବା, ଶ୍ରୀରାମପୁର, ଦେଭୋଗ, ଘଣ୍ଟୁଆ, ଅଣ୍ଡି, ବାଲିଆପାଳ, ବିଷ୍ଣୁପୁର, ମଧୁପୁରା, ଜାମକୁଣ୍ଡା ପ୍ରଭୃତି ପଞ୍ଚାୟତର ହଜାର ହଜାର ହେକ୍ଟର ଜମିରେ ନଳିତା ଚାଷ ହେଉଥିଲା। ଜିଲାରେ ସର୍ବବୃହତ୍ ଝୋଟ ଉତ୍ପାଦନକାରୀ ବ୍ଲକ ଥିଲା ବାଲିଆପାଳ। କୃଷି ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ଗତ ୫ ବର୍ଷରେ ବାଲିଆପାଳ ଅଞ୍ଚଳରେ ଝୋଟଚାଷ କମି କମି ଯାଉଛି। ୧୯୭୦ରୁ ୨୦୦୦ ମସିହା ପର୍ଯ୍ୟନ୍ତ ବ୍ଲକରେ ୧ ହଜାର ହେକ୍ଟରରୁ ଅଧିକ ଜମିରେ ନଳିତା ଚାଷ ହେଉଥିଲା। ୨୦୦୦ ପରଠାରୁ ଏହି ଚାଷ ସୀମିତ ହେବାରେ ଲାଗିଛି। ଏବେ ଏହା କମି କମି ଗତ ବର୍ଷ ୨୦୦ ହେକ୍ଟର ଜମିରେ ନଳିତା ଚାଷ ହୋଇଥିବା ବେଳେ ଚଳିତବର୍ଷ ମାତ୍ର ୧୬୦/୧୭୦ ହେକ୍ଟର ଜମିରେ ଚାଷ ହୋଇଥିବା କୃଷି ବିଭାଗ ସୂତ୍ରରୁ ଜଣାଯାଇଛି।

ଝୋଟ ଅମଳ ସମୟ ହୋଇଗଲେ ନଳିତା ଗଛ ମୂଳରୁ ସାଇଜିକରି ଚାଷୀ କାଟିଥାଏ। ଏହାକୁ ଦିନେ ଦୁଇଦିନ ଶୁଖିଲା ସ୍ଥାନରେ ରଖିଲାପରେ ବିଡ଼ାବାନ୍ଧି ବିଭିନ୍ନ ଜଳାଶୟରେ ବା ନଦୀରେ ନଳିତାକୁ ପଚାଇବା ପାଇଁ ପାଣିରେ ଭିଜାଇଥାନ୍ତି। ପ୍ରାୟ ୧୫ ଦିନ ପରେ ଏହାକୁ ପାଣିରୁ ବାହାର କରାଯାଇଥାଏ। ତା'ପରେ ଏହାର କାଠିକୁ ସେଥିରୁ ବାହାର କରାଯାଇଥାଏ। ଏଥିରୁ ବାହାରୁଥିବା ଗଛର ଛେଲି (ବକଳ)କୁ ଖରାରେ ଶୁଖାଯାଇଥାଏ। ଶୁଖିଗଲା ପରେ ଏହାର ନାଁ ହୋଇଯାଏ ଝୋଟ। ବର୍ତ୍ତମାନ ବୈଜ୍ଞାନିକ ପ୍ରଣାଳୀରେ ଅର୍ଥାତ୍ ମେଶିନ୍ ଦ୍ୱାରା ମଧ୍ୟ ଝୋଟ ପ୍ରସ୍ତୁତ କରାଯାଇପାରୁଛି। କାରଖାନାରେ କ୍ରମାନ୍ୱୟରେ ଝୋଟକୁ ବିଛେଇ ବିଭାଗ, ପ୍ରୋସେସିଂ, ଡ୍ରଇଂ, ସ୍ପିନିଂ ଓ ୱାଇନିଂ, ଟୁଇଷ୍ଟିଂ ଆଦି ବିଭାଗରେ ପ୍ରସ୍ତୁତ ହୁଏ। ଏହାପରେ ତନ୍ତ ବିଭାଗ ଓ ଫିନିଶିଂ ବିଭାଗରେ ବସ୍ତା ତିଆରି ହୋଇ ପ୍ୟାକିଂ ହୋଇଥାଏ। ବାଲିଆପାଳ, କଟକ, ଯାଜପୁର ଓ କେନ୍ଦ୍ରାପଡ଼ା ସମେତ ବାହାର ପଶ୍ଚିମବଙ୍ଗର ବିଭିନ୍ନ ଅଞ୍ଚଳରୁ ଓଡ଼ିଶାରେ ଥିବା ଝୋଟକଳକୁ କଞ୍ଚାମାଲ୍ ଆମଦାନୀ ହୋଇଥାଏ।







**ଝୋଟ କାରଖାନା** –ବାଲେଶ୍ୱରର ରୂପ୍‌ସାସ୍ଥିତ ଜୟକିଶନ ଦାସ ଝୋଟ କାରଖାନା ଜିଲାର ସର୍ବପୁରାତନ ଶିଳ୍ପ ସଂସ୍ଥା। ୧୯୭୫ ମସିହା ମେ ମାସରେ ଏହି କାରଖାନା ପ୍ରତିଷ୍ଠା ଲାଭ କରିଥିଲା। ଇତିମଧ୍ୟରେ ୪୬ ବର୍ଷ ବିତିଗଲାଣି। କାରଖାନାର ଭିତ୍ତିଭୂମି ମଧ୍ୟ ସୁଦୃଢ଼ ହୋଇଗଲାଣି। ସେତେବେଳେ ୩୦୦ ଶ୍ରମିକଙ୍କୁ ନେଇ ଝୋଟରୁ କେବଳ ସୂତା, ସୁତୁଲି ପ୍ରସ୍ତୁତ ହେଉଥିଲା। ସୂତା, ସୁତୁଲି ସାଙ୍ଗକୁ ୨୦୦୮ ମସିହାରୁ ଝୋଟର ବସ୍ତା ମଧ୍ୟ ତିଆରି ହେଉଛି। ସେତେବେଳେ ମାସିକ ୩୦୦ ମେଟ୍ରିକ ଟନ୍ ଝୋଟ ସାମଗ୍ରୀ ଉତ୍ପାଦନ ହେଉଥିବା ବେଳେ ଏବେ ତାହା ୬୦୦ ମେଟ୍ରିକ ଟନ୍‌ରେ ପହଞ୍ଚିଛି। ସ୍ଥାନୀୟ ଅଞ୍ଚଳର ଆର୍ଥିକ ମାନଦଣ୍ଡ ବୃଦ୍ଧି ହେଉଥିବା ବେଳେ ୯୦୦ ଶ୍ରମିକ ପରିବାର ଏଥିରୁ ଗୁଜରାଣ ମେଣ୍ଟାଉଛନ୍ତି।

**ବିକ୍ରି ବ୍ୟବସ୍ଥା**– ନଳିତାଚାଷକୁ ଦୃଷ୍ଟିରେ ରଖି ପ୍ରାୟ ୮୦ ଦଶକରେ ତତ୍କାଳୀନ ବିଧାୟକ ⁄ ଗଦାଧର ଗିରି ବାଲିଆପାଳରେ ସମବାୟ ଭିତ୍ତିରେ ଏକ ଝୋଟ ମିଲ୍ ସ୍ଥାପନ ପାଇଁ ଚିନ୍ତା କରିଥିଲେ। ତେବେ ବାଲିଆପାଳରେ ଉତ୍ପାଦିତ ହେଉଥିବା ପର୍ଯ୍ୟାପ୍ତ ପରିମାଣର ଝୋଟକୁ ଦେଖି ପ୍ରାୟ ୩୦ ବର୍ଷ ତଳେ କେନ୍ଦ୍ର ସରକାରଙ୍କ ଝୋଟ ନିଗମ ପକ୍ଷରୁ ଏଠାରେ ଏକ ଝୋଟ କ୍ରୟ କେନ୍ଦ୍ର ଖୋଲାଯାଇଥିଲା। ଏହି କେନ୍ଦ୍ର ଖୋଲାଯିବାର ୧୬/୧୭ ବର୍ଷ ପର୍ଯ୍ୟନ୍ତ, ନିଗମ ପ୍ରତିବର୍ଷ ଚାଷୀଙ୍କଠାରୁ ସରକାରୀ ଧାର୍ଯ୍ୟ ମୂଲ୍ୟରେ ଝୋଟ କିଣୁଥିଲା। ଫଳରେ ଝୋଟ ଚାଷ ପ୍ରତି ଚାଷୀଙ୍କର ଆଗ୍ରହ ବୃଦ୍ଧି ପାଇବା ସହିତ ଚାଷୀମାନେ ମଧ୍ୟ ଝୋଟର ଉଚିତ୍ ମୂଲ୍ୟ ପାଉଥିଲେ। କିନ୍ତୁ ୨୦୦୭ରୁ ଏହି ନିଗମ ବନ୍ଦହେବା ସହିତ ୨ ବର୍ଷତଳୁ ଏଠାରୁ ସମ୍ପୂର୍ଣ୍ଣ ଉଠିଯାଇଛି। ଫଳରେ ଚାଷୀମାନେ ଉତ୍ପାଦନ କରୁଥିବା ଝୋଟକୁ ବହୁ କମ୍‌ଦାମ୍‌ରେ ବାହାର ରାଜ୍ୟର ଦଲାଲମାନଙ୍କୁ ବିକ୍ରି କରିବାକୁ ବାଧ ହେଉଛନ୍ତି। ଏପରିକି ଝୋଟର ସରକାରୀ ମୂଲ୍ୟ କୁଇଣ୍ଟାଲ ପ୍ରତି ୩୦୦୦/ ୩୨୦୦ ଟଙ୍କା ରହିଥିବା ବେଳେ ମାତ୍ର ୨୦୦୦ରୁ ୨୨୦୦ ଟଙ୍କା ଭିତରେ ବିକ୍ରି କରୁଛନ୍ତି। ଓଡ଼ିଶା ସରକାରଙ୍କ ଖାଦ୍ୟ ଯୋଗାଣ ବିଭାଗ ଦ୍ୱାରା ସମସ୍ତ ଝୋଟ ବସ୍ତା (ବୁରା) କ୍ରୟ ହୋଇଥାଏ। ଏହାଛଡ଼ା ସୂତା ଓ ସୁତୁଲି ସବୁକୁ ଟ୍ରକ୍ ଯୋଗେ ଓଡ଼ିଶା ସମେତ ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ରାଜସ୍ଥାନ, ହରିୟାଣା ପ୍ରଭୃତି ରାଜ୍ୟକୁ ରପ୍ତାନି ହୁଏ। ଏ ସମ୍ପର୍କରେ ମଧୁପୁରା ପଞ୍ଚାୟତ ଚୌଧୁରୀକୁଦ ଗ୍ରାମର ଚାଷୀ ଶମ୍ଭୁନାଥ ସାହୁ କୁହନ୍ତି, ଝୋଟଚାଷ ବ୍ୟୟବହୁଳ। ଏହା ଏକର ପିଛା ୩୦ ହଜାର ଟଙ୍କା ଖର୍ଚ୍ଚ ହେଉଥିଲା ବେଳେ ବିକ୍ରୟରୁ ୪୦/୪୨ ହଜାର ଟଙ୍କା ହେଉଛି। ଏବେ ଖର୍ଚ୍ଚ ତୁଳନାରେ ଲାଭ ବହୁତ କମ୍। ଚାଷୀଙ୍କୁ ସରକାରୀ ସହାୟତା ମିଳିବା ଉଚିତ। ସେହିପରି ଚାଷୀ ସୁଧାଂଶୁ ସାହୁ କୁହନ୍ତି, ଏହି ଚାଷ ପାଇଁ ପରିଶ୍ରମ ଅନୁସାରେ ଲାଭ କମ୍ ହେଉଛି। ସେଥିପାଇଁ ପୂର୍ବ ବର୍ଷ ଅପେକ୍ଷା ବର୍ତ୍ତମାନ ଚାଷ













କମେଇ ଦେଇଛୁ। ବେପାରୀ ସତ୍ୟନାରାୟଣ ସାହୁ କୁହନ୍ତି, ଗାଁରେ ବୁଲି ଝୋଟ ସଂଗ୍ରହ କରି କଲିକତାରେ ନେଇ ବିକ୍ରି କରିବାକୁ ପଡୁଛି। ମିଲ୍ ମାଲିକମାନେ ଝୋଟର ଠିକ୍ ଦାମ ଦେଉ ନଥିବାରୁ ଝୋଟ ବ୍ୟବସାୟରୁ ବେପାରୀମାନେ ମୁହଁ ଫେରାଇ ନେଲେଣି। ରୂପ୍‌ସା ଝୋଟ କାରଖାନାର ଜେନେରାଲ ମ୍ୟାନେଜର ହୃଷୀକେଶ ରାଉତ କୁହନ୍ତି, ଦେଶ ଓ ରାଜ୍ୟର ଆର୍ଥିକ ସ୍ଥିତି ଅଭିବୃଦ୍ଧି ଦିଗରେ ଏହି କାରଖାନାର ନିଶ୍ଚିତ ଭାବେ ଛୋଟ ଅବଦାନ ରହିଛି। ଏଥିସହ ଉଭୟ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାର କାର୍ଯ୍ୟରତ ଶ୍ରମିକଙ୍କ ସମେତ ସ୍ଥାନୀୟ ବ୍ୟବସାୟୀଙ୍କ ଗୁଜରାଣ ମେଣ୍ଟି ପାରୁଛି। ଶ୍ରମିକ ସଂଘ ସଭାପତି ଆଇନଜୀବୀ ଶାନ୍ତନୁ କୁମାର ଦାସ କହନ୍ତି, ୪୬ ବର୍ଷ ଧରି ଏକ ସଂଘ ଜରିଆରେ କୁଶଳୀ, ଅଣକୁଶଳୀ ଶ୍ରମିକଙ୍କ ଦ୍ୱାରା ଝୋଟ ଉତ୍ପାଦନରେ ବୃଦ୍ଧି ଘଟିଛି। ଫଳରେ ଉଭୟ ଶ୍ରମିକ ଓ କର୍ତ୍ତୃପକ୍ଷଙ୍କ ଅର୍ଥନୈତିକ ବିକାଶ ଧାରା ଅତୁଟ ରହିଛି।

**କାଉଁରିଆ କାଠି–** ନଳିତା କାଠି ଅର୍ଥାତ୍ କାଉଁରିଆ କାଠିକୁ ମଧ୍ୟ ଗ୍ରାମାଞ୍ଚଳରେ ପ୍ରମୁଖ ଜାଳେଣି ଭାବେ ବ୍ୟବହାର କରାଯାଏ। ଅନ୍ୟପକ୍ଷେ ଏହି କାଉଁରିଆ କାଠି ଶୁଖିଗଲେ ପୂରା ହାଲୁକା ରହିଥାଏ। ଏଥିରେ ଅଗ୍ନି ସଂଯୋଗ କରାଗଲେ ଶୀଘ୍ର ନିଆଁ ଧରେ। ବିଶେଷକରି କାର୍ତ୍ତିକ ମାସରେ ଦୀପାବଳି ସମୟରେ ବଡ଼ବଡୁଆ ଡାକବେଳେ ଏହି କାଉଁରିଆକାଠିକୁ ଅନେକେ ବ୍ୟବହାର କରିଥା'ନ୍ତି। ଏଥିରେ ସଞ୍ଜ ସଳିତାକୁ ସଂଯୋଗ କରି ଅଗ୍ନି ସଂଯୋଗ କରାଯାଇଥାଏ। ଶ୍ରଦ୍ଧାଳୁମାନେ ବଡ଼ବଡୁଆ ଡାକରେ ଏହି କାଠିକୁ ଆଲୋକବର୍ତ୍ତିକା ଭାବେ ଜାଳିଥା'ନ୍ତି।


**ନଳିତା ପତ୍ରର ଔଷଧୀୟ ଗୁଣ–** ଡାକ୍ତର ବାସୁଦେବ ପ୍ରଧାନ କୁହନ୍ତି– ନଳିତା ଗଛ ଦୁଇ ପ୍ରକାରର (୧–ମଧୁର ନଳିତା ଓ ୨–ତିକ୍ତ ନଳିତା)। ଏହାର ପତ୍ରକୁ ଔଷଧ ରୂପେ ବ୍ୟବହାର କରାଯାଏ। ମଧୁର ନଳିତା ବଳକାରକ, ଶରୀରରେ ଶୀତଳତା ଆଣେ। ଯେଉଁମାନେ ଉନ୍ମାଦ ରୋଗୀ, ପିତ ରୋଗୀ ଅଥାତ୍ ଶରୀରର ଜଳାପୋଡ଼ା ହୁଏ, ସେମାନେ ଏହି ପତ୍ରରସ ଖାଇଲେ ଉପଶମ ପାଆନ୍ତି। ମୁଣ୍ଡବ୍ୟଥା ହେଉଥିଲେ କପାଳରେ ଲେପନ ଦେଲେ ବ୍ୟଥା ଦୂର ହୁଏ। ତିକ୍ତ ନଳିତା– ପିତା ନଳିତା– ସମସ୍ତ ପ୍ରକାରର ଚର୍ମ ରୋଗରେ ବ୍ୟବହାର କରାଯାଏ। ବିଶେଷକରି ଯାଦୁ ଏବଂ ସୋରିସିସରେ ତିକ୍ତ ନଳିତା ପତ୍ର ରସ ଓ ମଞ୍ଜୁଆତି ପତ୍ରରସକୁ ସମାନଭାଗରେ ବ୍ୟବହାର କରାଯାଇଥାଏ। ସକାଳେ ଓ ସନ୍ଧ୍ୟାରେ ଖାଲିପେଟରେ ଏହିପତ୍ର ରସ ବ୍ୟବହାର କଲେ ଉପଶମ ମିଳେ। ପିତା ନଳିତା ରସ ଓ ମଞ୍ଜୁଆତି ପତ୍ରରସକୁ ମିଶାଇ ଲେପ ଦେଲେ ଚର୍ମରୋଗ ଦୂରହେବା ସଙ୍ଗେସଙ୍ଗେ ଦାଗ ଲିଭି ଯାଇଥାଏ। କିନ୍ତୁ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ।

**ଝୋଟରୁ ରୋଜଗାର–** ବାଲେଶ୍ୱର ଜିଲାର ମିଶନ ଶକ୍ତି ଦ୍ୱାରା ପରିଚାଳିତ ମହିଳା ଉତ୍ପାଦକ ଗୋଷ୍ଠୀମାନଙ୍କୁ ଝୋଟ ଶିଳ୍ପର ବିକାଶ ନିମନ୍ତେ ସରକାରଙ୍କ ବିଭିନ୍ନ ଯୋଜନା ରହିଛି। ବାହାନଗା ବ୍ଲକ ପଣପଣା ପଞ୍ଚାୟତର ମାଳଦାପଡ଼ା ଗାଁରେ ୭ଟି ଏସ୍ଏଚ୍‌ଜିର ୩୦ ସଦସ୍ୟାଙ୍କୁ ନେଇ ଈଶ୍ୱର ଉତ୍ପାଦକ ଗୋଷ୍ଠୀ ଝୋଟ ଶିଳ୍ପକୁ ନିଜର ଜୀବିକା ରୂପେ ଗ୍ରହଣ କରିନେଲେଣି। ଏହି ଉତ୍ପାଦକ ଗୋଷ୍ଠୀର ସଦସ୍ୟାମାନେ ୨୦୧୯ରୁ ଝୋଟ ଶିଳ୍ପ ସମ୍ପର୍କିତ ତାଲିମ ନେଇଛନ୍ତି।

**ଝୋଟର ବିଭିନ୍ନ ସାମଗ୍ରୀ–** ଝୋଟ ପରିବେଶ ଅନୁକୂଳ ହୋଇଥିବାରୁ ଏଥିରୁ ସୂତା, ସୁତୁଲି, କାର୍ପେଟ୍, ଅଖା ବେଗ, ରଶି ଓ ଅନ୍ୟାନ୍ୟ ଘରକରଣା ସାମଗ୍ରୀ ପ୍ରସ୍ତୁତ କରାଯାଏ। ପାଆପୋଛ, ଡାଇନିଂ ସେଟ୍, ବିଭିନ୍ନ ପ୍ରକାର କଣ୍ଢେଇ, ୱାଲ୍ ହ୍ୟାଙ୍ଗିଙ୍ଗ୍, ବ୍ୟାଗ୍, ଫୋଲ୍ଡର, ପେନ୍‌ଷ୍ଟାଣ୍ଡ ଭଳି ବିଭିନ୍ନ ଆକର୍ଷଣୀୟ ରଙ୍ଗବେରଙ୍ଗର ଆସବାବପତ୍ର ମହିଳାଗୋଷ୍ଠୀ ପ୍ରସ୍ତୁତ କରୁଛନ୍ତି। ଯାହାକୁ ଓରମାସ, ମିଶନ ଶକ୍ତି ପର୍ବପର୍ବାଣି ମେଳାରେ ବିକ୍ରି କରୁଛନ୍ତି। ଏହି ଜିନିଷଗୁଡ଼ିକର ମୂଲ୍ୟ ୧୦ ଟଙ୍କାରୁ ଆରମ୍ଭ କରି ୪୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ଏଥିରୁ ମହିଳାମାନେ ନିଜ ବଳକା ସମୟ ପ୍ରଦାନ କରି ମାସିକ ୨ହଜାରରୁ ୬ହଜାର ଟଙ୍କା ପର୍ଯ୍ୟନ୍ତ ପାରିଶ୍ରମିକ ପାଇପାରୁଛନ୍ତି। ଓରମାସ ପକ୍ଷରୁ ସରକାର ଉକ୍ତ ଉତ୍ପାଦକ ଗୋଷ୍ଠୀକୁ ସିପି/ଆଇଭି ଫଣ୍ଡରୁ ପ୍ରଶିକ୍ଷଣ ଦେବା ସହ ଯାନ୍ତ୍ରିକ ସହାୟତା ଦେଇ ଦକ୍ଷ କାରିଗର ବନାଇଛନ୍ତି। ଏନ୍‌ଆର୍‌ଜିଏସ୍‌ରୁ ଓରମାସ୍ ମାଧ୍ୟମରେ ସାଢ଼େ ୧୨ଲକ୍ଷ ଟଙ୍କାର ଏକ ୱାର୍କଶେଡ (କାର୍ଯ୍ୟ କରିବା ପାଇଁ ଘର) ପ୍ରସ୍ତୁତ ପାଇଁ ପ୍ରଦାନ କରିଛନ୍ତି ବୋଲି ସଂଘର ସଭାପତି ଜୟନ୍ତୀ ବେହେରା ଓ ସମ୍ପାଦିକା କୁମୁଦିନୀ ପାକଳ ପ୍ରକାଶ କରିଛନ୍ତି। ବାଲେଶ୍ୱର ଜିଲା ଓରମାସର ସିଇଓ ଜିତେନ୍ଦ୍ର କୁମାର ବିଶ୍ୱାଳ କୁହନ୍ତି, ପରିବେଶ ଅନୁକୂଳ ଝୋଟ ଦ୍ୱାରା ପ୍ରସ୍ତୁତ ବ୍ୟାଗ୍, ଫୋଲ୍ଡର, ଅଫିସ ଷ୍ଟେସନାରି ସହ ଘରୋଇ ସୌନ୍ଦର୍ଯ୍ୟକରଣର ଆସବାବପତ୍ର ତିଆରି ଉପରେ ଗୁରୁତ୍ୱ ଦେଉଛନ୍ତି। ମିଶନ ଶକ୍ତି ଓ ଓରମାସର ବିଭିନ୍ନ ମେଳାରେ ଏହାର ବ୍ୟାପକ ପ୍ରଚାର ପ୍ରସାର କରାଯାଉଛି। ଏହି ଝୋଟ ଶିଳ୍ପ ଉପରେ ଜିଲାର ୨ଟି ଉତ୍ପାଦକ ଗୋଷ୍ଠୀର ପାଖାପାଖି ୧୦୦ ମହିଳା କାରିଗର ଦକ୍ଷତା ହାସଲ କରିଛନ୍ତି। ସରକାରଙ୍କ ନିର୍ଦ୍ଦେଶରେ ବାଲେଶ୍ୱର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଏକ ସ୍ୱତନ୍ତ୍ର ବ୍ୟାନର୍ ପ୍ରସ୍ତୁତ କରି ଏହାକୁ ଆନ୍ତର୍ଜାତିକ ସ୍ତରରେ ଜଣାଇବା ପାଇଁ ସ୍ୱତନ୍ତ୍ର ଇ–ପ୍ଲାଟଫର୍ମ ପ୍ରସ୍ତୁତ କରୁଥିବାର ଜଣାଇଛନ୍ତି। ତେବେ ପଲିଥିନ ଓ ପ୍ଲାଷ୍ଟିକ ନିଷେଧ କରିବାକୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପଦକ୍ଷେପ ଯୋଗୁ ଝୋଟ ସାମଗ୍ରୀର ଚାହିଦା ବଢ଼ିବାରେ ଲାଗିଛି। ମାତ୍ର ଝୋଟ ଉତ୍ପାଦନକାରୀ ବ୍ଲକ ବାଲିଆପାଳରେ ଏହି ଚାଷକୁ ଆବଶ୍ୟକ ପ୍ରୋତ୍ସାହନ ଯୋଗାଇବାକୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଏଥିପାଇଁ ସ୍ଥାୟୀବଜାର ସୁବିଧା ଯୋଗାଇଦେଲେ ବାଲିଆପାଳ ସମେତ ରାଜ୍ୟର ଅନ୍ୟ ଅଞ୍ଚଳରେ ଝୋଟଚାଷ ପ୍ରତି ଚାଷୀଙ୍କ ଆଗ୍ରହ ବଢିପାରନ୍ତା। ଝୋଟରୁ ବିଭିନ୍ନ ପ୍ରକାରର ଘର ସାଜସଜା ଓ ଅଫିସ ସାମଗ୍ରୀ ତିଆରି ହୋଇଥାଏ। ପେନଷ୍ଟାଣ୍ଡ, ବ୍ୟାଗ, ଫୁଲଦାନୀ, ଅଫିସ ଫାଇଲଫୋଲ୍‌ଡର୍ ଇତ୍ୟାଦି । ଓରମାସ୍‌ର ମାର୍କେଟିଂ ଡିଭିଜନର ଯୁଗ୍ମ ମୁଖ୍ୟ କାର୍ଯ୍ୟନିର୍ବାହୀ ସୂଜୟ କର କୁହନ୍ତି, କେବଳ ସାମଗ୍ରୀ ପ୍ରସ୍ତୁତି କିମ୍ବା ସେସବୁର ମାର୍କେଟିଂ ବା ବିପଣନ ପାଇଁ ନୁହେଁ ବରଂ ଗ୍ରାହକଙ୍କ ପସନ୍ଦ ଏବଂ ବ୍ୟବହାର ଉପଯୋଗୀ ଉନ୍ନତମାନର ଜିନିଷ ତିଆରି ପାଇଁ ଉତ୍ପାଦକ ଗୋଷ୍ଠୀଗୁଡ଼ିକୁ ସହଯୋଗ ପ୍ରଦାନ କରିଆସୁଛି। ମହିଳାମାନଙ୍କୁ ଆତ୍ମ ନିର୍ଭରଶୀଳ ପାଇଁ ପ୍ରୋତ୍ସାହନ ଯୋଗାଉଛି। ବାଲେଶ୍ୱର, ଯାଜପୁର, ପୁରୀ ସମେତ ଅନ୍ୟ କେତେକ ଜିଲାର ବିଭିନ୍ନ କ୍ଲଷ୍ଟରଗୁଡ଼ିକରୁ ଝୋଟ ସାମଗ୍ରୀ ପାଇଁ ଓରମାସରୁ ସହାୟତା ପ୍ରଦାନ କରାଯାଉଛି। ଜିଲାଠାରୁ ରାଜ୍ୟ ଓ ଜାତୀୟ ସ୍ତରର ମେଳା ଓ ପ୍ରଦର୍ଶନୀରେ ଝୋଟ ସାମଗ୍ରୀର ବିକ୍ରି ପାଇଁ ପ୍ରୋତ୍ସାହନ ଯୋଗାଇ ଆସୁଛି। ଅନ୍ୟପକ୍ଷେ ଝୋଟର ବିଭିନ୍ନ ସାମଗ୍ରୀ ପାଇଁ ଆମ ରାଜ୍ୟର ହସ୍ତଶିଳ୍ପ କାରିଗରମାନଙ୍କ ଭିନ୍ନ ପରିଚୟ ସୃଷ୍ଟି ହୋଇପାରିଛି।

**– ବନବିହାରୀ ବେହେରା**

**ମାନସ ବିଶ୍ୱାଳ, ବାଞ୍ଛାନିଧି ଦେ, ଗୋପାଳ ଚନ୍ଦ୍ର ସାହୁ**











# ଓଡ଼ିଶୀ ପୋଷାକର ରୂପକାର





ଓଡ଼ିଶୀ ନୃତ୍ୟଶିଳ୍ପୀଙ୍କ ଆକର୍ଷଣୀୟ ବେଶ ପରିପାଟିର ସ୍ୱତନ୍ତ୍ର ପରିଚୟ ରହିଛି। ତେବେ ଶାଢ଼ି ବଦଳରେ ସ୍ଥାନପାଇଛି ସୌନ୍ଦର୍ଯ୍ୟପୂର୍ଣ୍ଣ ପୋଷାକ। ଏଥିରେ ରହିଥାଏ କଳାତ୍ମକ ଛିଟା...

ଓଡ଼ିଶୀ ନୃତ୍ୟଶିଳ୍ପୀଙ୍କ ବେଶ ପରିପାଟିର ସ୍ୱତନ୍ତ୍ର ପରିଚୟ ରହିଥାଏ। ତେବେ ପୋଷାକ ତିଆରିରେ ଏମିତି ଜଣେ ରୂପକାର ଯେକି ଏଥିରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ସେ ହେଲେ ଭାଗୀରଥି ଦାସ। ପିତା କୁଳମଣି ଦାସ। କିନ୍ତୁ ଭାଗୀରଥିଙ୍କୁ ଏବେ ପ୍ରାୟ ୮୫ ବର୍ଷ ଟପିଲାଣି ତଥାପି ଥକି ପଡ଼ିନି ପାଦ। ଏବେବି ସେ ସିଲେଇ ମେଶିନରେ ତିଆରି କରିଚାଲନ୍ତି ଓଡ଼ିଶୀ ପୋଷାକ। କିନ୍ତୁ ଏହି କାରୁକାର୍ଯ୍ୟମୟ ବେଶପୋଷାକ ତିଆରି କରୁଥିବା ଅନ୍ୟ ରୂପକାରଙ୍କଠାରୁ ଭାଗୀରଥିଙ୍କ କଳାକୌଶଳ ଭିନ୍ନ। ତାଙ୍କ ପରିବାର ସଦସ୍ୟମାନେ ଏହି ଡ୍ରେସ୍ ତିଆରିରେ ଧୁରନ୍ଧର। ଓଡ଼ିଶା ସମେତ ଭାରତର ବହୁ ଯଶସ୍ୱୀ ଓଡ଼ିଶୀ ନୃତ୍ୟଶିଳ୍ପୀଙ୍କ ପାଇଁ ସେ ତିଆରି କରିଛନ୍ତି କଳାତ୍ମକ ପୋଷାକପତ୍ର। ଏମିତିରେ ବିଶ୍ୱର ପ୍ରାୟ ୧୦ରୁ ଅଧିକ ରାଷ୍ଟ୍ରକୁ ଅର୍ଡର ଯୋଗେ ପଠାଯାଇଥାଏ ଏହି ପୋଷାକ। କଟକ ଚାନ୍ଦିନଚୌକ ଛକ ନିକଟରେ ରହିଛି ତାଙ୍କ ଓଡ଼ିଶୀ ଟେଲର। ଯାହା କେବଳ ଓଡ଼ିଶୀ ନାଁରୁ ହିଁ ବେଶ୍ ବାରି ହୋଇପଡ଼େ ତାଙ୍କ ପରିଚୟ। ସାଧାରଣତଃ ଗାର୍ଡେନ ସିଲ୍କ, ପିଓର ସିଲ୍କ, ର-ସିଲ୍କରେ ସମ୍ବଲପୁରୀ କୁମ୍ଭ ଡଜାଇନର ବର୍ଡର ଦେଇ ସେ ଓଡ଼ିଶୀ ପୋଷାକ ତିଆରି କରନ୍ତି। ଗୁରୁ କେଳୁଚରଣ ମହାପାତ୍ରଙ୍କ ସମ୍ମାନରେ ସେ ସମ୍ମାନିତ। ତାଙ୍କ କଳାପ୍ରତିଭା ପାଇଁ ମିଳିଛି ଅନେକ ପୁରସ୍କାର ଓ ସମ୍ମାନ। ସେ କୁହନ୍ତି- ଘରେ ସେତେବେଳେ ଜଣେ ସାଧାରଣ ଦରଜୀ ଭାବେ ବିଭିନ୍ନ ବ୍ଲାଉଜ, ଶାଢ଼ି ଓ ଅନ୍ୟାନ୍ୟ ପୋଷାକପତ୍ର ତିଆରି କରୁଥିଲି । ଏଥିରେ ଯାହା ରୋଜଗାର ହେଉଥିଲା ପରିବାରର ଗୁଜୁରାଣ ମେଣ୍ଟୁଥିଲା। ପରେ ଅଧିକ ରୋଜଗାର ଆଶାରେ ଖପୁରିଆଠାରେ ଥିବା ଉଲ୍ ଇଣ୍ଡଷ୍ଟ୍ରିକୁ ଯାଇ କିଛି ସିଲେଇକାମ କଲି। ଡୋର ସ୍କ୍ରିନ, ସୋଫାସେଟ୍ କଭର ଆଦି ସିଲେଇକରି ଘର ଚଳାଇଲି । ଏଥିରେ ମୋ ପତ୍ନୀ ଲଳିତା ସହଯୋଗ କରିଥାନ୍ତି। ମାତ୍ର ପ୍ରାୟ ୬୦ବର୍ଷ ତଳେ ଥରେ ବରିଷ୍ଠ ଓଡ଼ିଶୀ ନୃତ୍ୟଶିଳ୍ପୀ କୁମ୍‌କୁମ୍ ମହାନ୍ତି ମତେ କହିଲେ ଏମିତି ଏକ ଡ୍ରେସ କରିପାରିବ କି? ଯାହାକୁ ପିନ୍ଧିଲେ ଓଡ଼ିଶୀନୃତ୍ୟ ପାଇଁ ସୁନ୍ଦର ଦିଶିବ। କାରଣ ଶାଢ଼ି ପିନ୍ଧିବାରେ ବହୁସମୟ ଲାଗେ। ତାଙ୍କ କଥା ଶୁଣି ପ୍ରଥମେ ଏକ ଓଡ଼ିଶୀ ଡ୍ରେସ୍ ତିଆରି ପାଇଁ ପ୍ରୟାସ କରିଥିଲି । ତାହା ତାଙ୍କର ପସନ୍ଦ ହୋଇଥିଲା। ପରେ ଏହା ମତେ ଆଗକୁ ଯିବାରେ ସହାୟକ ହୋଇଥିଲା। ସେଥିପାଇଁ ସମ୍ବଲପୁରୀ ଶାଢ଼ି ଆଣି ସେଥିରେ ଓଡ଼ିଶୀ ଡ୍ରେସ ତିଆରି କରୁଥିଲି । ତେବେ ତରୁଣ ଶିଳ୍ପୀଙ୍କଠାରୁ ଆରମ୍ଭକରି ପ୍ରବୀଣଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ କେଉଁ ପ୍ରକାରର ପୋଷାକ ଲୋଡ଼ା ସେପରି ପୋଷାକକୁ ତିଆରି କରିଥାଏ। କିନ୍ତୁ ଶାଢ଼ିର ଦର ବଢ଼ିଯିବାରୁ ଜଣାଶୁଣା ଓଡ଼ିଶୀ ନୃତ୍ୟଶିଳ୍ପୀ ଗୁରୁ କେଳୁଚରଣ ମହାପାତ୍ରଙ୍କ ନିର୍ଦ୍ଦେଶରେ ଧୋତି ଷ୍ଟାଇଲରେ ଓଡ଼ିଶୀ ପୋଷାକ କରୁଛି। ଏଥିରେ କୌଣସି ମୌଳିକତା ନଷ୍ଟ ହୋଇ ନ ଥାଏ। ଥରେ କେଳୁ ସାର୍‌ଙ୍କର ଏକ ପୋଷାକରେ କୁଝ ଭୁଲ ଥିବାରୁ ସାର୍ ମୋତେ ସମସ୍ତଙ୍କ ସାମ୍‌ନାରେ କାନ ମୋଡ଼ିଥିଲେ। ପରେ ଏହି ଭୁଲକୁ ସୁଧାରିଥିଲି। ତାଙ୍କର ସେଇ କାନ ମୋଡା ମତେ ମଣିଷ କରିବାରେ ସହାୟକ ହୋଇପାରିଛି। ଏହାମଧ୍ୟରେ ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିଥିବା ବିଶିଷ୍ଟ ବ୍ୟକ୍ତି ଯେମିତିକି ସଂଯୁକ୍ତା ପାଣିଗ୍ରାହୀ, କୁମ୍‌କୁମ୍ ମହାନ୍ତି, ଗୁରୁ ଗଙ୍ଗାଧର ପ୍ରଧାନ, ଗୁରୁ ଦୁର୍ଗା ରଣବୀର, ଡୋନା ଗାଙ୍ଗୁଲି, ଡକ୍ଟର ମିନତୀ ମିଶ୍ର, ସୁଶ୍ରୀ ସଙ୍ଗୀତା ମହାପାତ୍ର (ଆମେରିକା), ସୁତପା ଦତ୍ତଗୁପ୍ତା (କଲିକତା), କ୍ଷିମ୍‌କୋ ଯାଯଜିତା(ଜାପାନ), ଡୁଗ୍ରା ବୋର(ସାଉଦିଆରବ), ଇଲିଆନା ସିତାରିଷ୍ଟ, ହେମାମାଳିନୀଙ୍କ କନ୍ୟା ଇଷା ଓ ଆହାନାଙ୍କ ଭଳି ଖ୍ୟାତନାମା ନୃତ୍ୟଶିଳ୍ପୀଙ୍କ ପାଖରୁ ଅର୍ଡର ପାଇଛି। ଯାହାକି ମତେ ଏହି କ୍ଷେତ୍ରରେ ଅଧିକରୁ ଅଧିକ ଆଗେଇବାକୁ ପ୍ରେରଣା ଦେଇଛି। ତେବେ ମୁଁ ସବୁଠାରୁ ଅଧିକ ପ୍ରେରଣା ପାଇଛି ଗୁରୁ କେଳୁଚରଣ ମହାପାତ୍ରଙ୍କଠାରୁ। ସେଇଥିପାଇଁ ଓଡ଼ିଶୀ ଟେଲର ଗୃହର କାନ୍ଥରେ ସାଇତି ରଖିଛି ତାଙ୍କ ଫଟୋଚିତ୍ର। ଯଶସ୍ୱୀ ଓଡ଼ିଶୀ ନୃତ୍ୟଶିଳ୍ପୀ ଅରୁଣା ମହାନ୍ତିଙ୍କ ପ୍ରେରଣା ବି ମୋତେ ଉତ୍ସାହିତ କରିଥିଲା। ଏକଥା ସତ ଯେ ଓଡ଼ିଶୀ ଏଭଳି ଏକ ନୃତ୍ୟ ଯେଉଁଠି ବେଶଭୂଷାରେ ଏକ ସମ୍ଭ୍ରାନ୍ତୀୟ ଆଦର ସଂଯୋଜିତ କରିବା ପାଇଁ ନୃତ୍ୟଶିଳ୍ପୀମାନେ ଆଗଭର ହୋଇଉଠିଥାନ୍ତି। ଏହି ନୃତ୍ୟର ଭାବଭଙ୍ଗୀ ହେଉ କି ଶାସ୍ତ୍ରୀୟତା ଯେମିତି ଦର୍ଶକଙ୍କୁ ମୋହିତ କରେ ଠିକ୍ ସେମିତି ଏମାନେ ପିନ୍ଧୁଥିବା ପୋଷାକ ପରିପାଟି, ଅଳଙ୍କାର ବେଶ୍ ଆକର୍ଷଣ ସୃଷ୍ଟିକରେ। ଓଡ଼ିଶୀନୃତ୍ୟ ଦେଶ ବିଦେଶରେ ବେଶ୍ ପରିଚିତ। ଓଡ଼ିଶୀ ନୃତ୍ୟର ପ୍ରଚାର ପ୍ରସାର ଏବଂ ପରିସର ଯେଉଁ ପରିସୀମାକୁ ପରିବ୍ୟାପ୍ତ ହୋଇଛି ସେଥିପାଇଁ ହଜାରହଜାର ଶିଳ୍ପୀ ନିଜକୁ ଗୌରବାନ୍ୱିତ ମନେ କରୁଛନ୍ତି। ଆଉ ଓଡ଼ିଶୀ ପୋଷାକ ତିଆରି କରି ଜଣେ ସାଧାରଣ ଦରଜୀ ପରିଚୟରୁ ଆଜି ଦେଶବିଦେଶରେ ପରିଚୟ ସୃଷ୍ଟି ହୋଇପାରିଥିବାରୁ ମତେ ବହୁତ ଖୁସି ଲାଗେ।

**-ବନବିହାରୀ ବେହେରା, ଅଭିଜିତ ଚନ୍ଦ୍ର**














# ନାମକରଣ

–ଦୀପ୍ତିମୟୀ ଶତପଥୀ

କେତେ ବର୍ଷପରେ ସେଇ ସାଙ୍ଗଟିକୁ ଦେଖିଲି, ଯିଏ ତା ନାଁ ପାଇଁ ବେଶୀ ଚର୍ଚ୍ଚାରେ ଥିଲା । ତାକୁ ତା ନାଁ ଧରି ଡାକିଲେ ସେ ଚିଡିଯାଉଥିଲା । ଘରେ ସବୁଦିନ ବହେ ଗୋଡ଼ କଚି ନାଚିଯାଉଥିଲା । ଆମେ କହୁଥିଲୁ,
''ତୋ ଜେଜେ କେତେ ରୋମାଣ୍ଟିକ୍ , ଏମିତି ନାଁ ବାଛିଦେଇଛନ୍ତି । ସବୁବେଳେ ସେଇ 'ପ୍ରିୟତମା' ହେଇ ରହିବୁ ।'' ସେତେବେଳେ ରଚନା ଆଉ ପତ୍ରଲିଖନର ପ୍ରାଧାନ୍ୟ ଥିଲା । ସାର୍ ମାନେ ପିଠିରେ, ହାତରେ ଥୋଇଦଉଥିଲେ ନିଘାତ ମାଡସବୁ, ଭୁଲ୍ ଦେଖିଲେ କି କାହା ସହ ଉତ୍ତର ମେଳ ଖାଇଗଲେ । କୋଉ ରାଗ ଶୁଝାନ୍ତି କେଜାଣି ?

ଏବେ ତ ସବୁ ପିଲାଙ୍କର ଉତ୍ତର ଏକା । ସାହିତ୍ୟରେ ନବେ,ପଞ୍ଚାନବେ !! ଆଖି ଟେରା ହେଇଯାଉଛି । ପତ୍ରଲିଖନ ପଢିଲାବେଳେ ସାର୍ ହସନ୍ତି । ସାରଙ୍କୁ ଦେଖି ପିଲାମାନେ । 'ଇତି, ତୁମର ପ୍ରିୟତମା ।' ବିଚାରୀର ମୁହଁ ନାଲି ପଡ଼ିଯାଏ । ଏତେ ନାଁ ଥାଉ ଥାଉ ତାକୁ ଏମିତି ଅପଦସ୍ତ ହବାକୁ ପଡୁଥିଲା ।
କିଏ ବଡ ପାଟିରେ ଡାକିଲେ ଲାଜ, ପୁଅ ପିଲାଙ୍କର ତାକୁ ଡାକିବା ପାଇଁ ଲାଜ, ସବୁ ଲାଜ ଲାଜେଇଯାନ୍ତି ସେଇ ପ୍ରିୟତମା ଡାକରେ ।

ଆଜି ମୁଁ ତାକୁ ସେଇ ନାଁ ରେ ଡାକିଲି ପଛରୁ । ବୁଲିପଡି ଚାହିଁଲା ।
ବହୁତ ଖୁସି ହେଲା । ଘରକୁ ଡାକିଲା ବି । ରବିବାର ଦେଖି ଆମେ ସ୍ୱାମୀ ସ୍ତ୍ରୀ ଗଲୁ । ସୁନ୍ଦର ଡୁପ୍ଲେକ୍ସଟିଏ । କୁନି ବଗିଚା ବି ସାମ୍ନାରେ। ଗେଟ୍ ପାଖରେ ଦେଖିଲି ଲେଖା ହେଇଚି 'ପ୍ରାଣନାଥ ପରମଗୁରୁ'। ଗୋଟେ ବିସ୍ଫୋଟକ ହସ ବାହାରି ଆସୁଆସୁ ଅଟକିଗଲା ତଣ୍ଟିପାଖରେ । ସେଇଟାକୁ କାଶରେ ବଦଳେଇ ଭିତରକୁ ପଶିଲି ।
ପାଛୋଟି ନେଲା ସଖୀ ।
କିଛି ସମୟର ମଧୁର ଆଳାପ । କଲେଜରେ ଭେଟିଥିଲେ ଉଭୟ । ନାଁ ପ୍ରତି ଥିବା ଅସନ୍ତୋଷରୁ ପରସ୍ପର ପ୍ରତି ଆକର୍ଷଣ ।
କେହି ଚିଡଉଚିଡଉ ଯୋଡ଼ିହେଇଗଲେ ଦୁଇଟି ଚିଡଚିଡ଼ା ଚଢେଇ । ତା ଝିଅ 'ପ୍ରିୟା'କୁ ଦେଖି ଆହୁରି ଖୁସି ଲାଗିଲା। ପୁଣି ଭେଟିବାର ପ୍ରତିଶ୍ରୁତି ନେଇ ଫେରିଲୁ ।
ଏବେ ଜେଜେଙ୍କୁ ଧନ୍ୟବାଦ ଦଉଚୁ ନା ?
ପଚାରିଲି ତାକୁ । ହସିଲା ଖୁବ ଜୋରରେ ।
କହିଲି, 'ମୋର ଗୋଟେ କଥା ରଖିବୁ ?'
କଣ ?'
ତୋର ଏଇ ସୁନ୍ଦର ଘରର ନାଁ 'ପ୍ରୀତିସୁଧା' ରଖ୍।

–ବ୍ରହ୍ମପୁର, ମୋ:୯୦୭୮୬୮୫୨୪୭

# ପ୍ରିୟମ୍ବଦାର ପ୍ରଶ୍ନ

–ଡ. ତପନ ପଣ୍ଡା

ମୋତେ ପଚାରିଲ
ମୋ ପାଖକୁ ଫେରିବାର ମାନେ କ'ଣ ?
ତୁମ ପାଖକୁ ଫେରିବାର ମାନେ
ବର୍ଷାରେ ଭିଜି କବିତା ଲେଖିବା ;
ସଫେଦ୍ କୁହୁଡିର ଚାଦର ତଳେ
ଅକସ୍ମାତ୍ ଉଭାନ ହେଉଥିବା
ପୃଥିବୀର ଅବଶିଷ୍ଟ ଅବୟବଙ୍କୁ
ଶୂନ୍ୟ ପାପୁଲିରେ ମୁଠେଇ ଧରିବା ;
କ୍ଷତାକ୍ତ ଆକାଶରୁ ଚେନାଏ ନେଇ
ଉଡନ୍ତା ପ୍ରଜାପତିଙ୍କ ଡ଼େଣାରେ
ଚିତ୍ର ଆଙ୍କି ଉଭାନ କରିବା ।
ଯାହା କେବଳ ନାମଟିଏ ଥିଲା
ଏବେ ସେ ସମ୍ଭାବନାର ବର୍ଷାଋତୁ ;
ସବୁ ଦେବତାଙ୍କ ଗର୍ଭଗୃହରେ
ଝଂକୃତ ଏବେ ଗର୍ଭିଣୀ ସ୍ୱପ୍ନର ବୀଜମନ୍ତ୍ର,
ଓଦା ମାଟିକାନ୍ଥ ଛାତିରେ ଅଂକୁରିତ
ହେଲାଣି ବାଦଲର ଲୁହ ପଣପଣ ।

ମୁଁ ଫେରେ କି ନ ଫେରେ
ଏବେ କନିଅର ଫୁଲମାନେ
ଫେରେଇ ଦେଲେଣି ମିଛ ମିଠାପଣ ;
ତୁମେ ବୁଝ କି ନ ବୁଝ
ଆସନ୍ତା ସକାଳର ଗଙ୍ଗଶିଉଳିରେ
ବିଚ୍ଛୁରିତ ଗଲା ରାତିର ମାୟା ନିମନ୍ତ୍ରଣ ।

–ହାଇଦ୍ରାବାଦ, ମୋ:୭୦୮୨୪୬୪୮୦୦



# ବିକିନି ପାଇଁ..

ସୈଫ ତନୟା ସାରା ଅଲ୍ଲୀ ଖାଁ ଏବେ ଲଙ୍ଗ ଭ୍ୟାକେସନରେ ଅଛନ୍ତି। ମାଇଣ୍ଡ ଫ୍ରେସ କରିବାକୁ ସେ ବର୍ତ୍ତମାନ ମାଲଦୀପରେ ଡେରା ପକାଇଛନ୍ତି। ହେଲେ ତାଙ୍କୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। ଆଉ ଏପରି ଆଲୋଚନାର କାରଣ ସାଜିଛି ବିକିନି। କଥା କ'ଣ କି ସେଠାରେ ସେ ବୁଲିବା ସହ ସି'ବିଚ୍‌ରେ ବିକିନି ପିନ୍ଧି ଫଟୋ ଶୁଟ୍ କରିଛନ୍ତି। କେବଳ ସେତିକି ନୁହେଁ, ଏହି ଫଟୋଗୁଡିକୁ ସେ ସୋସିଆଲ ମିଡିଆରେ ଅପଲୋଡ୍ କରିବା ପରେ ତାହା ବେଶ୍ ଭାଇରାଲ ହୋଇଛି। ଏପରି ଚର୍ଚ୍ଚାକୁ ନେଇ ଚୁପ୍ ବସିନାହାନ୍ତି ସାରା। ଏ ସମ୍ପର୍କରେ ସଫେଇ ଦେଇ ସେ କହନ୍ତି, 'ମୋ ବିକିନି ପିନ୍ଧିବାକୁ ନେଇ ଏତେ ଚର୍ଚ୍ଚା କାହିଁକି ହେଉଛି ତାହା ମୁଁ ଜାଣିପାରୁନି। କେହି କେହି କହୁଛନ୍ତି ଯେ, ଚର୍ଚ୍ଚାରେ ରହିବାକୁ ମୁଁ ଏପରି କଷ୍ଟ୍ୟୁମ ପିନ୍ଧିଛି। ହେଲେ ସେପରି ଯୁକ୍ତି ପଛରେ ଆଦୌ ସତ୍ୟତା ନାହିଁ। କେତୋଟି ଫଟୋ ଶୁଟ୍ ପାଇଁ ମୁଁ ବିକିନି ପିନ୍ଧିଥିଲି। ଏହାକୁ ନେଇ ଏତେ ଆଲୋଚନା ହେବା ଠିକ୍ ନୁହେଁ ବୋଲି ମୁଁ କହିବି।' ଏକ ଅରେଞ୍ଜ କଲର ବିକିନି ପିନ୍ଧା ଫଟୋକୁ ସେ ସୋସିଆଲ ମିଡିଆରେ ଅପଲୋଡ୍ କରି ସେଥିରେ ଏକ କ୍ୟାପସନ (ୟୋର ଡେଲି ଡୋଜ୍ ଅଫ ଭିଟାମିନ୍ 'ସି') ମଧ୍ୟ ଲେଖିଛନ୍ତି।


ସାରା


ସାନ୍ୟା

# ଦୀପାବଳି ପରେ..

ସାନ୍ୟା ମାଲହୋତ୍ରା ଏବେଠାରୁ ଦିନ ଗଣିବା ଆରମ୍ଭ କଲେଣି। କେବେ ଦୀପାବଳି ଆସିବ। ହେଲେ କାହିଁକି ଜାଣନ୍ତି ? ଠିକ୍ ଦୀପାବଳି ପର ଦିନ ସେ ଅଭିନୟ କରିଥିବା ଏକ ସିନେମା ମୁକ୍ତିଲାଭ କରିବାକୁ ଯାଉଛି। ଏହାର ଟାଇଟଲ ରହିଛି 'ମିନାକ୍ଷୀ ସୁନ୍ଦରେଶ୍ୱର'। ଏହି ଚିତ୍ରରେ ସାନ୍ୟାଙ୍କ ଅପୋଜିଟ୍‌ରେ ଅଛନ୍ତି 'ମୈନେ ପ୍ୟାର୍ କିୟା'ର ନାୟିକା ଭାଗ୍ୟଶ୍ରୀଙ୍କ ପୁଅ ଅଭିମନ୍ୟୁ ଦାସାନୀ। ଏ ନେଇ ସାନ୍ୟା କହନ୍ତି, 'କୋଭିଡ୍ ପାଇଁ ଏହି ଫିଲ୍ମର ରିଲିଜ ଡେଟ୍ ଫାଇନାଲ ହୋଇପାରୁ ନ ଥିଲା। ଶେଷରେ ଏହି ଫିଲ୍ମଟି ଠିକ୍ ଦୀପାବଳି ପରଦିନ ଅର୍ଥାତ୍ ନଭେମ୍ବର ୫ରେ ମୁକ୍ତିଲାଭ କରିବାକୁ ଯାଉଛି। ଅବଶ୍ୟ ଫିଲ୍ମଟି ଓଟିଟି ଫର୍ମାଟରେ ରିଲିଜ ହେବ, ହେଲେ ସେ ନେଇ ମୁଁ ମନଦୁଃଖ କରୁନାହିଁ। ଏହାର କାହାଣୀ, ସଙ୍ଗୀତ, ସଂଳାପ, ଉପସ୍ଥାପନା– କେହି କାହାକୁ କମ୍ ନୁହଁନ୍ତି। ମୋଟ ଉପରେ ଚିତ୍ରଟି ଦର୍ଶକଙ୍କୁ ସବୁ ଦିଗରୁ ଏଣ୍ଟରଟେନ୍ କରିବ ବୋଲି ଆଶା ରହିଛି।' ଏହି ଫିଲ୍ମଟିର ପ୍ରଯୋଜନା କରିଛନ୍ତି କରନ୍ ଜୋହର ଏବଂ ଅପୂର୍ବ ମେହେଟ୍ଟା। ନିର୍ଦ୍ଦେଶନା ଭାର ତୁଲାଇଛନ୍ତି ବିବେକ ସୋନି।

# ଦୋଛକିରେ ସୋନମ୍

ସୋନମ କପୁର ଏବେ ଦୋଛକିରେ ପଡିଛନ୍ତି। ଯେତେବେଳେ ଏପରି ଅଫରଟି ମିଳିଲା ସେ ହଁ ଭରିଥିଲେ। ତା'ସହ ଏଭଳି ରୋଲ୍ ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଥିଲେ। ହେଲେ କିଛି ଦିନପରେ କ'ଣ ହେଲା କେଜାଣି, ପୁଣି ଥରେ ନିଜ ନିଷ୍ପତ୍ତିକୁ ନେଇ ଅଡୁଆରେ ପଡିଛନ୍ତି। କଥା କ'ଣ କି ଏକ ୱେବ୍ ସିରିଜ୍‌ରେ ଅଭିନୟ କରିବାକୁ ସୋନମ ପ୍ରଥମେ ରାଜି ହୋଇଥିଲେ। ନିର୍ଦ୍ଦେଶକ ସୁଜୟ ଘୋଷ ତାଙ୍କୁ ଏ ବିଷୟରେ ଭଲ ଭାବରେ ବୁଝାଇବା ପରେ ସେ ଏଥିପାଇଁ ପ୍ରସ୍ତୁତି ମଧ୍ୟ ଆରମ୍ଭ କରିଦେଇଥିଲେ। ହେଲେ ଏବେ ସେ କୁଆଡେ ଏହାର ଶୁଟିଂ ପାଇଁ ଦିନ ଗଡାଉଛନ୍ତି। ସେପଟେ ଏଭଳି କଥାକୁ ଭିତ୍ତିହୀନ ବୋଲି କହିଛନ୍ତି ସୋନମ। ''ଏହି ୱେବ୍ ସିରିଜ୍‌ର ଶୁଟିଂ ପାଇଁ ମୋ ପାଖରେ ଏବେ ସମୟ ନାହିଁ। ଯେହେତୁ କଥା ଦେଇଛି ନିଶ୍ଚୟ ଅଭିନୟ କରିବି। ହେଲେ ଏଥିପାଇଁ ମୋତେ କିଛି ସପ୍ତାହ ଦରକାର। ତା' ଭିତରେ ମୁଁ ମୋର ଅବଶିଷ୍ଟ କାମ ଶେଷ କରିବା ପରେ ଶୁଟିଂ ପାଇଁ ସମୟ ଦେବି। ହେଲେ ମୁଁ ଏହି ସିରିଜ୍‌ରୁ ଓହରି ଯାଇଛି ବୋଲି ଯାହା ଶୁଣିବାକୁ ମିଳୁଛି ତାହା ମିଛ ବୋଲି ସଫେଇ ଦେଇଛନ୍ତି ସୋନମ୍।''


ସୋନମ


ୟାମି

# ଅକ୍ଷୟଙ୍କ ପ୍ରଶଂସାରେ ୟାମି

ୟାମି ଗୌତମ ଏବେ ଚାରିଆଡେ ଖିଲାଡି ମାଷ୍ଟର ଅକ୍ଷୟ କୁମାରଙ୍କ ପ୍ରଶଂସା କରିବୁଲୁଛନ୍ତି। ଏହା ପଛରେ ସେପରି କାରଣ ମଧ୍ୟ ରହିଛି। ଗୋଟିଏ ପଟେ ଅକ୍ଷୟ ଅଭିନୟ କରିବାକୁ ଯାଉଥିବା ନୂଆ ସିନେମା 'ଓ ମାଇଁ ଗଡ୍–୨'ର କାଷ୍ଟିଂରେ ତାଙ୍କୁ ସାମିଲ କରାଯାଇଛି। ଏହି ଫିଲ୍ମର ଶୁଟିଂ ଖୁବ୍ ଶୀଘ୍ର ଆରମ୍ଭ ହେବ। 'ଓ ମାଇଁ ଗଡ୍'ରେ ଅକ୍ଷୟ ଶ୍ରୀକୃଷ୍ଣ ଭୂମିକାରେ ଦେଖାଦେଇଥିଲେ। ଏଥର ଏହାର ସିକ୍ୱେଲ୍‌ରେ ସେ ଶିବ ରୋଲ୍‌ରେ ଅଭିନୟ କରିବେ। ତାଙ୍କ ସହ ସ୍କ୍ରିନ୍ ସେୟାର କରୁଥିବା ୟାମି ଏ ନେଇ କହନ୍ତି, 'ସତ କଥା କହିବାକୁ ଗଲେ ଅକ୍ଷୟ କୁମାରଙ୍କ ପରି ଅଭିନେତାଙ୍କ ସହ କାମ କରିବାର ମଜା ନିଆରା। ଏହି ଫିଲ୍ମରେ ମୋତେ ଏକ ରୋମାଣ୍ଟିକ ଭୂମିକା ମିଳିଛି। ମୋତେ ଯେଉଁ ରୋଲ୍ ମିଳୁ ନା କାହିଁକି, ପୁଣି ତାହା ବଡ ହୋଇଥାଉ କି ଛୋଟ–ସବୁ ଭୂମିକାକୁ ମୁଁ ଗୁରୁତ୍ୱର ସହ ନେଇଥାଏ। ଅକ୍ଷୟଙ୍କ ନିକଟରୁ ଆକ୍ଟିଂ ବିଷୟରେ ଅନେକ କିଛି ଶିଖିବାର ଅଛି। ତାଙ୍କର ପଙ୍କଚୁଆଲିଟି ମୋତେ ସବୁଠାରୁ ଭଲ ଲାଗେ। କୋ–ଆର୍ଟିଷ୍ଟର ଦୋଷତ୍ରୁଟି ଦେଖିଲେ ସେ ସହଯୋଗର ହାତ ବଢ଼ାଇଥାଆନ୍ତି।' ଅମିତ ରାୟ ଏହାର କାହାଣୀ ରଚନା କରିବା ସହ ନିର୍ଦ୍ଦେଶନା ମଧ୍ୟ ଦେବେ। ତେବେ ଏହି ଫିଲ୍ମରେ ଅକ୍ଷୟ–ୟାମି କେମେଷ୍ଟ୍ରି ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ତାହା ଫିଲ୍ମଟି ରିଲିଜ ହେଲେ ହିଁ ଜଣାପଡିବ।

# ବିଜୟିନୀର ମନ କଥା

ଗୋଟିଏ ଛୋଟ ସହର ରହିଲେ ମଧ୍ୟ ମନରେ ତାହାର ଅଦମ୍ୟ ସାହସ। ଲୋକମାନଙ୍କର ସୁବିଧା ଅସୁବିଧାରେ ଆଗରେ ଠିଆ ହୁଏ। ସେମାନଙ୍କର ସମସ୍ୟାର ସମାଧାନ କରିବା ପାଇଁ ସବୁ ପ୍ରକାର ବାଧାବିଘ୍ନକୁ ସାମନା କରିବାକୁ ସେ ତୟାର। ନାଆଁଟି ତାହାର ବିଜୟିନୀ। ନିଜ ନାମକୁ ସାର୍ଥକ କରିବାକୁ ସତେଯେମିତି ସେ ପଣ କରିଛି। ହଁ, ଏପରି ଏକ ଶୀର୍ଷକ 'ବିଜୟିନୀ–ବିଜୟୀ ଭବ'କୁ ନେଇ ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା। ଖାସ୍ କଥା ହେଲା, ଏହାର ଶୀର୍ଷକ ଭୂମିକାରେ ଅଭିନୟ କରୁଛନ୍ତି ବର୍ଷା ପ୍ରିୟଦର୍ଶିନୀ। କେବଳ ସେତିକି ନୁହେଁ, ଉକ୍ତ ସିନେମାର କାହାଣୀ ଏବଂ ଚିତ୍ରନାଟ୍ୟ ରଚନା କରିବା ସହ କ୍ରିଏଟିଭ ହେଡ୍ ଦାୟିତ୍ୱ ତୁଲାଇଛନ୍ତି ସେ। ଏହାର କାହାଣୀ ନାରୀ ସଶକ୍ତିକରଣକୁ ନେଇ ଗତିଶୀଳ। ସଙ୍ଗୀତା କାନ୍ଦୋଇ–ବିଜୟ କାନ୍ଦୋଇଙ୍କ ପ୍ରଯୋଜିତ ଏହି ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି ସୁଧାକର ବସନ୍ତ। ବିଜୟ ମଲ୍ଲ, ଡ. ନିର୍ମଳ ନାୟକ, ଅରୁଣ ମନ୍ତ୍ରୀ, ଶୀର୍ଷାନନ୍ଦ ଦାସ କାନୁନଗୋଙ୍କ ରଚିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଅନ୍ୟତମ ଆଗଧାଡିର ସ୍ୱର ସଂଯୋଜକ ପ୍ରେମାନନ୍ଦ। ସଂଳାପ ରଚନା କରିଛନ୍ତି ବିଜୟ ମଲ୍ଲ। ଏହି ଫିଲ୍ମରେ ବର୍ଷାଙ୍କ ବ୍ୟତୀତ ଦେବାଶିଷ ପାତ୍ର, ବିକ୍ରମ ମହାନ୍ତି, ପ୍ରଜ୍ଞା, ଶଙ୍କର, ପପି ସନ୍ତୁକା, ତୃପ୍ତି ସିହ୍ନା ଏବଂ ସରୋଜ ଦାସ ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ଏହାର ସମସ୍ତ କାମ ଶେଷ ହେବା ସହ ଦୀପାବଳୀ ଅବସରରେ ପରଦା ଉପରକୁ ଆସିବାର ଯୋଜନା ରହିଛି।


ବର୍ଷା ପ୍ରିୟଦର୍ଶିନୀ

# କାହାକୁ ଡରନ୍ତି ଭିକି

ଭିକିକୌଶଲକାହାକୁବେଶୀଡରନ୍ତିଜାଣନ୍ତି ? ହରର୍ ଫିଲ୍ମ ଦେଖିବାକୁ। ନିକଟରେ ନିଜ ବ୍ୟକ୍ତିଗତ ଜୀବନ ବିଷୟରେ କହୁ କହୁ ସେ ବେଶ୍ କେତୋଟି ରୋଚକ କଥା କହିବାକୁ ଭୁଲି ନ ଥିଲେ। ଏ ନେଇ ଭିକି କହନ୍ତି, 'ଏକଥା କହିବାକୁ ମୋର ଟିକିଏ ହେଲେ ଦ୍ୱିଧା ନାହିଁ। ମୁଁ ଜଣେ ଅଭିନେତା। ମୋ ବାପା ଶ୍ୟାମ କୌଶଲ ଜଣେ ଆକ୍ସନ ଡାଇରେକ୍ଟର। ହେଲେ ମୋର ଗୋଟିଏ ଜିନିଷ ପ୍ରତି ଭାରି ଭୟ। ତାହା ହେଲା ହରର୍ ଫିଲ୍ମ ଦେଖିବା। ଥରେ ଆମେ କେତେ ଜଣ ସାଙ୍ଗ ଏକାଠି ହୋଇ ହଲିଉଡର ହରର ଫିଲ୍ମଟିଏ ଦେଖୁଥିଲୁ। ହଠାତ୍ ମୁଁ ଚିତ୍କାର କରି ଉଠିଲି। ସାଙ୍ଗମାନେ ମୋତେ 'କଣ ହେଲା' ବୋଲି ପଚାରିଲେ। ମୁଁ କହିଲି, ଏପରି ଫିଲ୍ମ ଦେଖିବାକୁ ମୋତେ ଡର ଲାଗୁଛି। ସେମାନେ ଭାବିଲେ ମୁଁ ବୋଧହୁଏ ମଜା କରୁଛି। ହେଲେ ଏହାର କିଛି ସମୟ ପରେ ମୁଁ ସେଠାରୁ ପଳାଇ ଆସିଥିଲି।' ଆଉ ଏକ କଥା। ଭିକିଙ୍କୁ ସୁଇମିଙ୍ଗ ଜଣା ନାହିଁ। ସେ କେତେଥର ଶିଖିବାକୁ ଚେଷ୍ଟା କରିଥିଲେ ହେଲେ ବିଫଳ ହେବା ପରେ ସେପରି ଚିନ୍ତାଧାରା ଠାରୁ ନିଜକୁ ଦୂରେଇ ନେଇଥିଲେ।


ଭିକି

# ଟ୍ୟୁଶନରୁ ହୋଇଥିଲା ମୋର ପ୍ରଥମ ରୋଜଗାର



ସାମାଜିକ କର୍ମୀ **କୁଳମଣି ମଲ୍ଲିକ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ପ୍ରଥମ ରୋଜଗାର

ନୟାଗଡ଼ ଜିଲା ଭାପୁର ବ୍ଲକ୍ ଅନ୍ତର୍ଗତ ଟିକିରିପଡ଼ା ଶାସନରେ ମୋ ଜନ୍ମ। ଗୋପୀନାଥଦେବ ବିଦ୍ୟାପୀଠରୁ ମାଟ୍ରିକ୍ ପାସ୍ କରି ଆଞ୍ଚଳିକ ବାଲୁଙ୍କେଶ୍ୱର ଦେବ ଡିଗ୍ରୀ କଲେଜରେ ଯୁକ୍ତ ଦୁଇ ଓ ଯୁକ୍ତ ତିନି (ଅର୍ଥନୀତି ସମ୍ମାନ)ପଢ଼ିଥିଲି। ତେବେ ଘରର ଦୁର୍ବଳ ଆର୍ଥିକାବସ୍ଥାକୁ ଦେଖି ମାଟ୍ରିକ୍ ପଢ଼ିବାବେଳୁ ପିଲାଙ୍କୁ ଟ୍ୟୁଶନ କରିବା ଆରମ୍ଭ କରି ଦେଇଥିଲି। ସେଥିରୁ ମାସକୁ ଦୁଇଶହ/ତିନିଶହ ଟଙ୍କା ରୋଜଗାର ହୋଇଯାଉଥିଲା। ସେହି ଟଙ୍କାରେ ନିଜ ପଢ଼ା ଖର୍ଚ୍ଚ ଉଠାଇବା ସହ ଯଦି କିଛି ବଳୁଥିଲା ତା'ହେଲେ ସେଥିରେ ସାନ ଭାଇଭଉଣୀଙ୍କ ପାଇଁ ଖାତା କି ପେନ୍ କିଣି ଦେଉଥିଲି। ଆମ ୫ ଭାଇଭଉଣୀ ଭିତରେ ମୁଁ ଥିଲି ସବୁଠୁ ବଡ଼। ବାପା ଚାଷ କରୁଥିଲେ। ତେଣୁ ସକାଳ ସମୟରେ ବିଲକୁ ଯାଇ ବାପାଙ୍କୁ କାମରେ ସାହାଯ୍ୟ ବି କରୁଥିଲି। ଏମିତିରେ ଯୁକ୍ତ ତିନି ପଢ଼ା ସରିବା ପରେ ମୋର ନେହେରୁ ଯୁବକେନ୍ଦ୍ର ସଂଗଠନରେ ଚାକିରି ହୋଇଗଲା। ଏହି ଚାକିରି ପାଇବା ପଛରେ ମୋର ଜଣେ ସମ୍ପର୍କୀୟ ଦାଦା ବ୍ରଜବନ୍ଧୁ ପ୍ରଧାନଙ୍କର ମୁଖ୍ୟ ଭୂମିକା ଥିଲା। କାରଣ ସିଏ ଦିଲ୍ଲୀରେ ଓଡ଼ିଶା ଭବନରେ ଚାକିରି କରୁଥିଲେ। ଆଉ ସେହି ଭବନକୁ ମଝିରେ ମଝିରେ ନେହେରୁ ଯୁବକେନ୍ଦ୍ର ସଂଗଠନର ଜୋନାଲ୍ ଡାଇରେକ୍ଟର ବୁଲି ଆସୁଥିଲେ। ଦାଦା ତାଙ୍କୁ ମୋ ଶିକ୍ଷାଗତ ଯୋଗ୍ୟତା ଅନୁସାରେ କିଛି ଗୋଟେ ଚାକିରି ଦେବା ପାଇଁ ସୁପାରିସ କରିଥିଲେ। ଦାଦାଙ୍କ କଥା ରଖି ତାଙ୍କର ଏକ ଭିଜିଟିଂ କାର୍ଡ ଦାଦାଙ୍କ ହାତରେ ଦେଇଥିଲେ ମୋତେ ଦେବାକୁ, ଆଉ କହିଥିଲେ ତାଙ୍କୁ କହିବ ଆସି ମୋତେ ଦେଖାକରିବାକୁ। ଭିଜିଟିଂ କାର୍ଡ ପାଇ ମୁଁ ଯେବେ ଗଲି ଦେଖା କରିବାକୁ ସିଏ କହିଲେ ଏବେ ତ ମାତ୍ର ୧୩ଟି ଜିଲାରେ ଆମର ଶାଖା ଅଛି, ହେଲେ କେଉଁଠି ବି କିଛି ଖାଲି ପଦବୀ ନାହିଁ। ଆସନ୍ତା ବର୍ଷକୁ କଟକରେ ନୂଆ ଏକ ଶାଖା ଖୋଲିବାର ଅଛି, ସେତିକି ବେଳେ ତୁମେ ଆସି ଇଣ୍ଟରଭ୍ୟୁ ଦେବ। ସେୟା ହିଁ ହେଲା। କଟକରେ ଶାଖା ଖୋଲିବା ପରେ ଇଣ୍ଟରଭ୍ୟୁ ଦେଲି ଆଉ ସିଲେକ୍ଟ ହୋଇ ନଭେମ୍ବର ୧୩, ୧୯୯୨ରେ ଏମ୍.ଟି.ଏସ୍. (ମଲ୍ଟି ଟାସ୍କ ସର୍ଭିସ୍) ପୋଷ୍ଟରେ ଯୋଗ ଦେଇଥିଲି। ସେତେବେଳେ ମାତ୍ର ସାତ ଶହ ଟଙ୍କା ଥିଲା ମୋ ଦରମା। ସେଥିରୁ କିଛି ନିଜ ଖର୍ଚ୍ଚ ପାଇଁ ରଖି ବାକି ଟଙ୍କା ଘରକୁ ପଠାଇ ଦେଉଥିଲି। ତେବେ ମାତ୍ର ଦୁଇବର୍ଷ କଟକରେ କାମ କରିବା ପରେ ଖୋର୍ଦ୍ଧା ଶାଖାକୁ ମୋର ବଦଳି ହୋଇଗଲା; ଯେଉଁଠାରେ ଏବେ ବି ସେହି ଏମ୍.ଟି.ଏସ୍. ପୋଷ୍ଟରେ ମୁଁ କାମ କରୁଅଛି। ଅବଶ୍ୟ ୟା'ଭିତରେ ମୁଁ ସେହି ନେହେରୁ ଯୁବକେନ୍ଦ୍ର ସଂଗଠନର ଆକାଉଣ୍ଟାଣ୍ଟ ପୋଷ୍ଟ ପାଇଁ ଦୁଇ ଥର ପ୍ରମୋଶନ ପରୀକ୍ଷା ଦେଇସାରିଲିଣି। ଥରେ ୨୦୧୫ରେ ଦେଇଥିଲି; ଯେଉଁଥିରେ ଲିଖିତ ପରୀକ୍ଷାରେ ପାସ୍ କରିଥିଲେ ହେଁ ଟାଇପ୍ ଟେଷ୍ଟରେ କଟିଯାଇଥିଲି। ପୁନର୍ବାର ଗତ ୨୦୨୦ରେ ପରୀକ୍ଷା ଦେଇଛି; ଯାହାର ରେଜଲ୍ଟ ଏଯାଏ ବାହାରି ନାହିଁ। ତେଣୁ ଫଳାଫଳକୁ ଅପେକ୍ଷା କରି ରହିଛି। ତେବେ ଚାକିରି କ୍ଷେତ୍ର ବ୍ୟତୀତ ମୋ ବ୍ୟକ୍ତିଗତ ଜୀବନରେ ମଧ୍ୟ ଅନେକ ସମାଜମଙ୍ଗଳ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରିଛି। ଯେମିତି କି ଗଛ ଲଗାଇବା, ମାଗଣାରେ ରକ୍ତଦାନ କରିବା, ଆବଶ୍ୟକ ପଡ଼ିଲେ ଅସହାୟ ଲୋକଙ୍କୁ ନେଇ ମାଗଣାରେ ଡାକ୍ତରଖାନାରେ ଚିକିତ୍ସା କରାଇବା ଓ ଖାଦ୍ୟ ଯୋଗାଇ ଦେବା, ପରିବେଶକୁ ସଫା ସୁତୁରା ରଖିବା ପାଇଁ ସଫେଇ କାମ କରିବା ଇତ୍ୟାଦି କାର୍ଯ୍ୟ କରି ଖୁବ୍ ଆତ୍ମଶାନ୍ତି ଲଭି ପାରୁଛି।

# ଲାଜୁଆ ଆଖିର ଭିତିରି କଥା, ଘଡିକେ ଘୁରାଇ ଦିଅଇ ମଥା




**ପ୍ରଶ୍ନ**—ଜଣେ ଝିଅ ମୋତେ ଲାଜେଇ ଲାଜେଇ ଚାହୁଁଛି। ହେଲେ ମୋ ଆଖିରେ ତା' ଆଖି ମିଶିଲେ ସେ ହସି ଦେଇ ଚାଲିଯାଉଛି। ଏହି ସମୟରେ ପ୍ରେମ ଷ୍ଟାର୍ଟ କରିବା ଠିକ୍ ହେବ କି ?

*-ଦୀପକ ରାଉତ, ରାଉରକେଲା*

**ଉତ୍ତର:** ସେହି ସୁନ୍ଦରୀର ଲାଜଭରା ଚାହାଣୀରେ ପ୍ରେମ ଲୁଚି ରହିଛି। 'ଲାଜୁଆ ଆଖିର ଭିତିରି କଥା ଘଡିକେ ଘୁରାଇ ଦିଅଇ ମଥା'। କିନ୍ତୁ ସେହି ଲାଜକୁ ଯଦି ତର୍ଜମା କରି ତାହାର ଅସଲ ଅର୍ଥ ଜାଣିସାରିଲେଣି, ତେବେ ବିଳମ୍ବ କରୁଛନ୍ତି କାହିଁକି? ହୁଏତ ଡେରି ହେଲେ ଚାନ୍ସଟା ଆଉ କିଏ ମାରିନେଇପାରେ! ପୁଣି ଉଲ୍ଲେଖ କରିଛନ୍ତି ଯେ, ଆପଣଙ୍କ ଆଖି ସହ ତା' ଆଖି ମିଶିଲେ ସେ ହସି ଦେଇ ଚାଲିଯାଉଛି। ବାସ୍, ଏପରି ସୁଯୋଗକୁ ଆଦୌ ହାତଛଡା କରନ୍ତୁ ନାହିଁ। ବେଳକାଳ ଦେଖି ଏମିତି ତୀର ମାରନ୍ତୁ ଯେମିତି ଏକାଥରେ ସେ ସୁନ୍ଦରୀ ହୃଦୟର ଗୋଟିଏ କୋଣରେ ଆପଣ ପରମାନେଣ୍ଟ ଘର କରିପାରିବେ।

**ପ୍ରଶ୍ନ**—ମୁଁ କଲେଜରେ ପଢ଼ିବା ସମୟରେ ଜଣେ ଝିଅ ପ୍ରେମରେ ପଡିଯାଇଥିଲି। ହେଲେ ପରେ ଜାଣିଲା ବେଳକୁ ସେ ମୋଠାରୁ ବୟସରେ ବଡ। ଏବେ କ'ଣ କରିବି ଜାଣିପାରୁନି।

*-ସୁମନ ସାହୁ, କେନ୍ଦ୍ରାପଡା*

**ଉତ୍ତର:** ଏପରି ପ୍ରେମ ଆରମ୍ଭ କରିବା ପୂର୍ବରୁ ଆପଣ ଏବଂ ସେହି ଝିଅ ମଧ୍ୟରେ ବୟସର ପାର୍ଥକ୍ୟ କେତେ ଦେଖି ନିଅନ୍ତୁ। ନ ହେଲେ ପରବର୍ତ୍ତୀ ସମୟରେ ଏହା ଏକ ପ୍ରମୁଖ ସମସ୍ୟା ହୋଇ ଠିଆ ହୋଇପାରେ। ତେବେ ଏଭଳି ଘଟଣା ଆପଣଙ୍କ କଲେଜ ଜୀବନ ଆରମ୍ଭ ନା ଶେଷରେ ଘଟିଛି ତାହା ଲେଖିଲେ ନାହିଁ। ଏପରି ପ୍ରେମର ପ୍ରତି ଷ୍ଟେପ୍‌ରେ ରିସ୍କ। ତେଣୁ ଦେଖିଚାହିଁ ପାଦ ପକାନ୍ତୁ। ନ ହେଲେ କେତେବେଳେ ଏହି ପ୍ରେମର ମୀନାରଟି ଭୁଷୁଡି ପଡିବ ତାହା ଜାଣିପାରିବେ ନାହିଁ।

**ପ୍ରଶ୍ନ**—ଜଣେ ଝିଅକୁ ମୋ ମନର କଥା ଅନେକ ଥର କହିସାରିଲିଣି। ସେ ଶୁଣି ହସି ଦେଉଛି। ହେଲେ ଘଟଣା ଆଗକୁ ଆଗଉ ନାହିଁ। କ'ଣ କରିବି ?

*-ଅନିକେତ, ପାରାଦୀପ, ଜଗତସିଂହପୁର*

**ଉତ୍ତର:** ଆପଣଙ୍କ ପ୍ରେମରେ କେଉଁଠି କେଁ ରହିଯାଉଛି। ଯାହା ଜଣାପଡୁଛି, ଦୁଇ ପଟରୁ ଗ୍ରୀନ୍ ସିଗନାଲ ରହିଛି। କିନ୍ତୁ ଆପଣଙ୍କ ପ୍ରେମର ଗାଡି ଗୋଟିଏ ଜାଗାରେ ଠିଆ ହୋଇଛି। ଯେତେଶୀଘ୍ର ତାହାର କାରଣ ଖୋଜନ୍ତୁ। ନ ହେଲେ ଦିନ ଆସିବ, ସେଭଳି ପ୍ରେମ ସ୍ୱାଦହୀନ, ରଙ୍ଗହୀନ ହୋଇପଡିବ।

**ପ୍ରଶ୍ନ**—ପ୍ରେମ କରିବା ପୂର୍ବରୁ କେତେକ ଝିଅ ନଖରାମି କରନ୍ତି କାହିଁକି ?

*-ଜିତେନ୍ ମହନ୍ତ, କେନ୍ଦୁଝର*

**ଉତ୍ତର:** ଜଣେ ଝିଅର ମାନସିକତାକୁ ତର୍ଜମ କରିବା ଏତେ ସହଜ କଥା ନୁହେଁ। କେତେକ ସୁନ୍ଦରୀ ପ୍ରେମର ଆରମ୍ଭରେ ନଖରାମି କରନ୍ତି। ଆଉ ସେଥିରେ ହିଁ ପ୍ରେମର ଅସଲ ମଜା ଲୁଚି ରହିଥାଏ। କେତେକ ତାହାକୁ ସିରିୟସଲି ନିଅନ୍ତି ଆଉ ପ୍ରେମ ବିଷୟରେ ଅନେକ ନେଗେଟିଭ କଥା ଭାବନ୍ତି। ପ୍ରେମର ଆରମ୍ଭରେ ପ୍ରେମିକାର ନଖରାମିକୁ ଟିକେ ହାଲକା ଭାବରେ ନିଅନ୍ତୁ। ତାହାର ସେହି ନଖରାମି ପଛରେ କାରଣକୁ ନ ଖୋଜି ସେଇଠୁ ହିଁ ଅସଲ ପ୍ରେମର ସୂତ୍ର ଆପଣ ପାଇପାରିବେ।

**ପ୍ରଶ୍ନ**—ମୋ ପ୍ରେମିକା ମୋତେ ଧୋକା ଦେଇ ଚାଲି ଗଲା। ତାକୁ ମୁଁ ଭୁଲି ପାରୁନି। ମୁଁ ଯଦି ପୁଣି ଥରେ ମୋ ନୂଆ ପ୍ରେମ ଆରମ୍ଭ କରେ ତାହା ଠିକ୍ ହେବ ତ ?

*-ରମେଶ, ପୁରୀ*

**ଉତ୍ତର:** ପ୍ରେମରେ ଧୋକା ଖାଇବା ପରେ ତାହାକୁ ମନେ ରଖିବା ବୋକାମି ବ୍ୟତୀତ ଆଉ କିଛି ନୁହେଁ। ଯଦି ସେ ପ୍ରେମିକା ଆପଣଙ୍କ ହାତକୁ ଅଧା ବାଟରେ ଛାଡି ଚାଲିଗଲା ତେବେ ତାକୁ ନେଇ ଆପଣ ଏତେ ଚିନ୍ତା କରିବାର କ'ଣ ଅଛି। ପ୍ରଥମେ ସେପରି ପ୍ରେମିକାକୁ ମନରୁ ପୋଛି ଦିଅନ୍ତୁ। କାରଣ ସେହି ପ୍ରେମକୁ ଯେତେ ମନେ ପକାଇବେ ତାହା ଆପଣଙ୍କ ମନକୁ ସେତେ ଆଘାତ ଦେବ। ଯଦି ନୂଆ ପ୍ରେମ ଆରମ୍ଭ କରିବାକୁ ମାଇଣ୍ଡ ମେକଅପ କରିଛନ୍ତି ତେବେ ପ୍ରଥମେ ତାହାର ମୂଳଦୁଆ ଦୃଢ଼ କରନ୍ତୁ। ନୂଆ ପ୍ରେମିକା ଯେମିତି ଅଧା ବାଟରେ ଧୋକା ଦେଇ ଚାଲି ନ ଯାଏ ତାହାର ବ୍ୟବସ୍ଥା ଆରମ୍ଭରୁ କରିନିଅନ୍ତୁ। ନ ହେଲେ ଏମିତି ପ୍ରେମରେ ଧୋକା ଖାଇ ଖାଇ ଆପଣ ଚିନ୍ତାର ଦୁନିଆର ଜଣେ ପରମାନେଣ୍ଟ ଯାତ୍ରୀ ହୋଇଯିବେ।

# ମଲ୍ଟିଚେନ୍ ଇୟର୍ ରିଂ





**ଇୟର୍ ରିଂ ହେଉଛି ଏମିତି ଏକ ଜୁଏଲେରୀ, ଯାହା ଚେହେରାକୁ କ୍ଷଣିକରେ ଆକର୍ଷଣୀୟ ଲୁକ୍ ଦେଇଥାଏ। ତେବେ ଇୟର୍ ରିଂର ଅନେକ ଡିଜାଇନ୍ ଥିଲେ ହେଁ ପୂଜାପାର୍ବଣ ସମୟରେ ମଲ୍ଟିଚେନ୍ ଇୟର୍ ରିଂର ଖୁବ୍ ଚାହିଦା ରହିଥିବା ଦେଖିବାକୁ ମିଳିଥାଏ..**

ଜୁଏଲେରୀ ସିମ୍ପଲ୍ ଲୁକ୍‌କୁ କ୍ଷଣିକରେ ଷ୍ଟାଇଲିଶ୍ କରିଦିଏ। ଇୟର୍ ରିଂ ହେଉଛି ସେମିତି ଏକ ଜୁଏଲେରୀ ଯାହା ଚେହେରାକୁ ଆକର୍ଷଣୀୟ ଲୁକ୍ ଦେବାରେ ବିଶେଷ ଭୂମିକା ଗ୍ରହଣ କରିଥାଏ। ଏହାର ଅନେକ ଭେରାଇଟି ବି ରହିଛି। ତନ୍ମଧ୍ୟରୁ ମଲ୍ଟିଚେନ୍ ଇୟର୍ ରିଂ ହେଉଛି ଅନ୍ୟତମ। ଏଥିରେ ମୁଖ୍ୟତଃ ଏକାଧିକ ଚେନ୍ ଲାଗିଥିବାରୁ ଏହାର ଏପରି ନାମକରଣ କରାଯାଇଛି। ଖାସ୍ କରି ପୂଜାପାର୍ବଣ ସମୟରେ ଏହି ଷ୍ଟାଇଲ୍‌ର ଇୟର୍ ରିଂକୁ ଟ୍ରାଏ କଲେ ଲୁକ୍ ବେଶ୍ ଗର୍ଜିୟସ୍ ଲାଗିଥାଏ। ତେବେ ଏହି ଇୟର୍ ରିଂର ଭିନ୍ନ ଭିନ୍ନ କ'ଣ ସବୁ ଡିଜାଇନ୍ ରହିଛି, ଆସନ୍ତୁ ଜାଣିବା ସେ ସମ୍ପର୍କରେ ...

**ଷ୍ଟୋନ୍‌ଖଚିତ ମଲ୍ଟିଚେନ୍ ଇୟର୍ ରିଂ:** ଏହି ଷ୍ଟାଇଲ୍‌ର ଇୟର୍ ରିଂ ଯୁବତୀଙ୍କୁ କ୍ଲାସି ଲୁକ୍ ଦେଇଥାଏ। ଯଦି ଆପଣ ସିଙ୍ଗିଲ୍ କଲର୍ ଷ୍ଟୋନ୍ ଲାଗିଥିବା ମଲ୍ଟିଚେନ୍ ଇୟର୍ ରିଂ ବାଛୁଛନ୍ତି ତା'ହେଲେ ତାହାକୁ ସେହି କଲର୍‌ର ଡ୍ରେସ୍ ସହ ମ୍ୟାଚିଂ କରି ପିନ୍ଧିଲେ ଲୁକ୍ ବେଶ୍ ଆକର୍ଷଣୀୟ ଲାଗିଥାଏ। ଅନ୍ୟପକ୍ଷେ ଯଦି ଆପଣଙ୍କର ମଲ୍ଟି କଲର୍ ଷ୍ଟୋନ ଲାଗିଥିବା ଇୟର୍ ରିଂ ପିନ୍ଧିବା ପସନ୍ଦ ତେବେ ଏହାକୁ ଯେ କୌଣସି କଲର୍‌ର ଆଉଟ୍‌ଫିଟ୍ ସହ ଖୁବ୍ ଆରାମରେ କ୍ୟାରି କରିହେବ। କିନ୍ତୁ ସବୁବେଳେ ଧ୍ୟାନ ଦେବେ ଯେବେ ବି ଆପଣ ଷ୍ଟୋନ ଲାଗିଥିବା ମଲ୍ଟିଚେନ୍ ଇୟର୍ ରିଂ ଚୟନ କରୁଛନ୍ତି, ଦେଖିବେ ଇୟର୍ ରିଂର ଚେନ୍‌ଗୁଡ଼ିକ ଯେତେ ସାଦାସିଧା ଦେଖାଯାଉଥିବ ସେତେ ଭଲ।

**ରାଉଣ୍ଡ ସେପ୍ ମଲ୍ଟିଚେନ୍ ଇୟର୍ ରିଂ:** ଏହି ଇୟର୍ ରିଂରେ ଚେନ୍‌ଗୁଡ଼ିକ ରାଉଣ୍ଡ ସେପ୍‌ରେ ଥାଏ। ବିଶେଷକରି ପାର୍ଟି, ଫଙ୍କ୍‌ସନ୍‌ରେ ଗଲାବେଳେ ଶାଢି, ଲେହେଙ୍ଗା ଅବା ଗର୍ଜିୟସ୍ ଅନାରକଲି ସହ ଏହାକୁ ମ୍ୟାଚିଂ କରି ପିନ୍ଧିଲେ ଆକର୍ଷଣୀୟ ଲାଗିଥାଏ।

**ଫିଦର୍ ମଲ୍ଟିଚେନ୍ ଇୟର୍ ରିଂ:** ଫିଦର୍ ଇୟର୍ ରିଂର ଚାହିଦା ସବୁବେଳେ ରହିଆସିଛି। ଏହା ଯୁବତୀଙ୍କୁ ମଡର୍ନ ଲୁକ୍ ଦେଇଥାଏ। ଆଉ ଯଦି ଫିଦର୍ ସହ ମଲ୍ଟିଚେନ୍‌କୁ କମ୍ବାଇନ୍ କରାଯାଏ, ତା'ହେଲେ ତ ଲୁକ୍ ଆହୁରି ଖାସ୍ ଲାଗେ।

**ମଲ୍ଟି ଷ୍ଟେପ୍ ମଲ୍ଟିଚେନ୍ ଇୟର୍ ରିଂ:** ଯଦି ଆପଣ କାନରେ ଏକାଧିକ ପିୟରସିଂ କରିଛନ୍ତି, ତା'ହେଲେ ଏହି ଷ୍ଟାଇଲ୍‌ର ଇୟର୍ ରିଂ ଆପଣଙ୍କ ପାଇଁ ବେଷ୍ଟ ହେବ। କାରଣ ଏଥିରେ ଅନେକ ଛୋଟ ଛୋଟ ଷ୍ଟୋନ ଲାଗିବା ସହ ଷ୍ଟେପ୍ ଷ୍ଟେପ୍ ହୋଇ ମଲ୍ଟିଚେନ୍ ଲାଗିଥାଏ, ଯଦ୍ୱାରା ଆପଣ ଏହାକୁ ପିନ୍ଧିଲେ ଆପଣଙ୍କ କାନ ପୂରିଲା ପୂରିଲା ଲାଗେ। ପାର୍ଟି ଫଙ୍କ୍‌ସନ୍‌ରେ ପିନ୍ଧିବା ପାଇଁ ଏହି ଷ୍ଟାଇଲ୍‌ର ଇୟର୍ ରିଂ ବେଶ୍ ପରଫେକ୍ଟ ହୋଇଥାଏ।

**ଗୋଲ୍ଡେନ୍ ମଲ୍ଟିଚେନ୍ ଇୟର୍ ରିଂ:** ଗର୍ଜିୟସ୍ ଲୁକ୍ ଦେଇଥାଏ ଏହି ଇୟର୍ ରିଂ। ଏବେ ମାର୍କେଟ୍‌ରେ ଆର୍ଟିଫିସିଆଲ୍ ଗୋଲ୍ଡେନ୍ ମଲ୍ଟିଚେନ୍ ଇୟର୍ ରିଂ ବି ମିଳିଲାଣି, ଯାହାକୁ ସୁଲଭ ଦରରେ କିଣିଆଣି ଆପଣ ନିଜକୁ ସଜାଇ ପାରିବେ। ଏହାକୁ ସବୁ ରଙ୍ଗର ପୋଷାକ ସହ ପିନ୍ଧିହେବ।

**ସିଲଭର୍ ମଲ୍ଟିଚେନ୍ ଇୟର୍ ରିଂ:** କାଜୁଆଲ୍ ଲୁକ୍ ଦେଇଥାଏ ଏହି ଇୟର୍ ରିଂ। ଯେ କୌଣସି ରଙ୍ଗର ଆଉଟ୍‌ଫିଟ୍ ସହ ଏହାକୁ ମ୍ୟାଚିଂ କରି ପିନ୍ଧି ହେବ। ତେବେ ଧଳା ରଙ୍ଗର ପୋଷାକ ସହ ଏହା ବେଶ୍ ଭଲ ମ୍ୟାଚ୍ କରିଥାଏ।

**ପର୍ଲଖଚିତ ମଲ୍ଟିଚେନ୍ ଇୟର ରିଂ:** ଏହି ଷ୍ଟାଇଲ୍‌ର ଇୟର୍ ରିଂରେ ଚେନ୍‌ର ତଳଭାଗରେ ଗୋଟଏ ଗୋଟିଏ ପର୍ଲ ଲାଗିଥାଏ। ଧଳା ରଙ୍ଗର ଶାଢି ହେଉ ଅବା ସାଲୱାର୍ କିମ୍ବା ଧଳା ରଙ୍ଗର ଟି-ଶାର୍ଟ ସହ ଏହାକୁ ପେୟାର୍ କରି ପିନ୍ଧାଯାଇପାରେ।











## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

## ଇଲିମା

आପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ:କୁମାର ଶରତ, ଧରିତ୍ରୀ
ମେକଅପ: ପ୍ରଶାନ୍ତ

# ହା଼ ହା଼

## ଫିଟିଂ

ସ୍ତ୍ରୀ ସ୍ୱାମୀଙ୍କୁ: ଦୀର୍ଘ ୭ ବର୍ଷ ହେବ ମୁଁ ଏହାକୁ ପିନ୍ଧୁଛି। ଆଉ ଆଜିବି ମତେ ଫିଟ୍ ହଉଛି। କିନ୍ତୁ ତମେ ମତେ ମୋଟି କହୁଛ ?

ସ୍ୱାମୀ: ଟିକେ ତ ଭଗବାନଙ୍କୁ ଡର। ଏଇଟା ଶାଲ୍, ଡ୍ରେସ୍ ନୁହେଁ ।

## ସଙ୍ଗୀତ

ଗୀତ ଗାଉଥିବା ସ୍ତ୍ରୀକୁ ସ୍ୱାମୀ: ସକାଳୁ ସକାଳୁ କାହିଁକି ଏମିତି ଚିଲ୍ଲେଇ ଚିଲ୍ଲେଇ ଗୀତ ଗାଉଛ ?

ସ୍ତ୍ରୀ: ତମେ ବୋଧେ ଜାଣିନ ସଙ୍ଗୀତରେ ଏତେ ଶକ୍ତି ଥାଏ ଯେ, ପାଣି ବି ଗରମ ହୋଇପାରେ।


ସ୍ୱାମୀ: ହଁ, ଯେତେବେଳେ ତମ ଗୀତ ଶୁଣି ମୋ ରକ୍ତ ଗରମ ହେଇଯାଉଛି। ପାଣି କାହିଁକି ଗରମ ହେବନି।

## ଗୋବର

ସ୍ୱାମୀ ସ୍ତ୍ରୀକୁ: ଇଏ କି ରୋଷେଇ କରିଛ ? ପୂରା ଗୋବର ଭଳି ଲାଗୁଛି।

ସ୍ତ୍ରୀ: ହେ, ଭଗବାନ... । ଇଏ କେମିତିକା ଲୋକ, ଗୋବର ସ୍ୱାଦ ବି ଚାଖିଛନ୍ତି।

ଆଲୋକର ପର୍ବ ଦୀପାବଳି। ଅଶୁଭ ଉପରେ ଶୁଭର, ପାପ ଉପରେ ପୁଣ୍ୟର, ଅନ୍ଧାର ଉପରେ ଆଲୋକର ବିଜୟପ୍ରାପ୍ତିର ପ୍ରତୀକ ଭାବେ ଦେଶର ବିଭିନ୍ନ ସ୍ଥାନରେ ଏହି ପର୍ବକୁ ପାଳନ କରାଯାଇଥାଏ। ତେବେ ଦୀପାବଳି ଛୁଟିର ଭରପୂର ଆନନ୍ଦ ନେବା ପାଇଁ କେଉଁ ସ୍ଥାନକୁ ବୁଲିଗଲେ ଠିକ୍ ହେବ ଆସନ୍ତୁ ଜାଣିବା ସେ ସମ୍ପର୍କରେ...





# ଦୀପାବଳିରେ ଭ୍ରମଣ









**ଆ**ଲୋକର ପର୍ବ ଦୀପାବଳିକୁ ବେଶ୍ ଉତ୍ସାହର ସହ ପାଳନ କରିଥାନ୍ତି ଦେଶବାସୀ। ଏହା ଏମିତି ଏକ ପର୍ବ, ଯାହାର ବିବିଧତା, ବିଶେଷତା ତଥା ସାଂସ୍କୃତିକ ପରିଦୃଷ୍ଟି ଖୁବ୍ ମହତ୍ତ୍ୱପୂର୍ଣ୍ଣ ହୋଇଥାଏ। ସେଇଥିପାଇଁ ଜାତି ଧର୍ମ ଭୁଲି ସମସ୍ତେ ଅତି ଆଗ୍ରହର ସହକାରେ ଏହି ପର୍ବକୁ ପାଳନ କରିବାକୁ ଚାହିଁ ରହିଥାନ୍ତି। ଦୀପ ଜାଳି, ରଙ୍ଗିନ ଆଲୋକମାଳାରେ ଘର, ଦୁଆର, ରାସ୍ତାଘାଟ ସଜାଇବା ସହ ବନ୍ଧୁବାନ୍ଧବଙ୍କ ଗହଣରେ ସୁସ୍ୱାଦୁ ଭୋଜନର ଆସରରେ କେମିତି ଏହି ଶୁଭଦିନଟି ବିତିଯାଏ ଆଦୌ ଜଣାପଡ଼େନି। ଅନ୍ୟପକ୍ଷେ କେହି କେହି ଏହି ଅବସରରେ ବାହାରକୁ କୁଆଡ଼େ ବୁଲିଯିବାକୁ ମଧ୍ୟ ପ୍ଲାନିଂ କରିଥାନ୍ତି। ଯଦି ଆପଣଙ୍କର ବି ଏମିତି କିଛି ପ୍ଲାନିଂ ରହିଥାଏ, ତା'ହେଲେ ଆସନ୍ତୁ ଜାଣିବା ଦେଶର କେଉଁ କେଉଁ ସ୍ଥାନକୁ ବୁଲିଗଲେ ଦୀପାବଳି ଛୁଟିର ଭରପୂର ଆନନ୍ଦ ଉଠାଇହେବ...

**ଦିଲ୍ଲୀ:** ଉଭୟ ପ୍ରାଚୀନତା ତଥା ଆଧୁନିକତାର ସମନ୍ୱୟ ଦେଖିବାକୁ ମିଳିଥାଏ ଏଠାରେ। ପର୍ଯ୍ୟଟନ ଦୃଷ୍ଟି କୋଣରୁ ଦେଖିଲେ, ବର୍ଷର ଯେକୌଣସି ସମୟରେ ଏଠାକୁ ବୁଲିଗଲେ ବୁଲିବାର ଭରପୂର ଆନନ୍ଦ ଉଠାଇ ହୋଇଥାଏ। ବିଶେଷ କରି ଏହି ଦୀପାବଳି ପର୍ବ ଅବସରରେ ଏଠାକୁ ବୁଲିଗଲେ ମନ ମିଜାଜ୍ ଖୁସି ହୋଇଗଲା ପରି ଲାଗେ। କାରଣ ଏହି ପର୍ବକୁ ସ୍ୱାଗତ କରିବା ପାଇଁ ସମ୍ପୂର୍ଣ୍ଣ ଦିଲ୍ଲୀ ସହର ରଙ୍ଗିନ ଆଲୋକମାଳାରେ ସଜେଇ ହୋଇ ପଡ଼ିଥାଏ। ଏଥିସହିତ ସମସ୍ତଙ୍କ ଦୁଆର ଆଗରେ ରଙ୍ଗବେରଙ୍ଗର ରଙ୍ଗୋଲି ହୋଇଥିବାର ମଧ୍ୟ ଦେଖିବାକୁ ମିଳିଥାଏ। ରାସ୍ତାରେ ନାନାଦି ସୁସ୍ୱାଦୁ ବ୍ୟଞ୍ଜନର ବାସ୍ନାରେ ପେଟ ପୂରିଗଲା ଭଳି ଅନୁଭବ ହୁଏ। ସ୍ଥାନେ ସ୍ଥାନେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ଆୟୋଜନ ବି କରାଯାଇଥାଏ; ଯାହା ସ୍ଥାନୀୟ ଲୋକ ହୁଅନ୍ତୁ ବା ପର୍ଯ୍ୟଟକ ସମସ୍ତଙ୍କୁ ଖୁବ୍ ଆକର୍ଷିତ କରିଥାଏ।

**ବାରାଣସୀ:** ଉତ୍ତରପ୍ରଦେଶରେ ଥିବା ଏହି ଆଧ୍ୟାତ୍ମିକ ପର୍ଯ୍ୟଟନସ୍ଥଳୀଟି ଲୋକମୁଖରେ ବନାରସ ତଥା କାଶୀ ନାମରେ ବି ବେଶ୍ ପରିଚିତ। ଏହା ଦୁନିଆର ସବୁଠାରୁ ପ୍ରାଚୀନ ତଥା ନିରନ୍ତର ପ୍ରଗତି ପଥରେ ଅଗ୍ରସର ହେଉଥିବା ଏକ ସହର ଭାବେ ମଧ୍ୟ ଜଣାଶୁଣା। ହିନ୍ଦୁ ଧର୍ମର ସବୁଠାରୁ ପବିତ୍ରତମ ସହର ଭାବେ ବି ଏହା ଖ୍ୟାତ। ଏହି ସହରକୁ ନେଇ ହିନ୍ଦୁ ଧର୍ମରେ ଏକ ମାନ୍ୟତା ରହିଛି ଯେ, ଯଦି କୌଣସି ବ୍ୟକ୍ତିଙ୍କର ଏଠାରେ ମୃତ୍ୟୁ ହୋଇଯାଏ କିମ୍ବା ଏଠାରେ କାହାର ଯଦି ଅନ୍ତିମ ସଂସ୍କାର କରାଯାଏ; ତା'ହେଲେ ତାଙ୍କୁ ମୋକ୍ଷ ପ୍ରାପ୍ତି ହୋଇଥାଏ। ତେବେ ଦୀପାବଳି ଅବସରରେ ଲକ୍ଷାଧିକ ଦ୍ୱୀପରେ ତଥା ରଙ୍ଗିନ ଆଲୋକମାଳାରେ ଏଠାକାର ପବିତ୍ର ଘାଟ ସଜ୍ଜାଯାଇଥିବାର ଦୃଶ୍ୟକୁ ଯିଏ ଦେଖିବେ ସିଏ କ୍ଷଣିକରେ ମନ୍ତ୍ରମୁଗ୍ଧ ହୋଇଯିବେ।

**ଜୟପୁର:** 'ପିଙ୍କ୍ ସିଟି' ଭାବେ ପରିଚିତ ରାଜସ୍ଥାନର ଏହି ସହରଟିରେ ବି ଦୀପାବଳିକୁ ବେଶ୍ ଧୁମ୍‌ଧାମ୍‌ରେ ପାଳନ କରାଯାଇଥାଏ। ଏହା ରାଜସ୍ଥାନର ରାଜଧାନୀ ଭାବେ ବି ପ୍ରସିଦ୍ଧ। ହିନ୍ଦୁ ବାସ୍ତୁକଳାର ଅନେକ ନିଚ୍ଛକ ଉଦାହରଣ ଏହି ସହରରେ ହିଁ ଦେଖିବାକୁ ମିଳେ। ଦୀପାବଳି ଅବସରରେ ଏହି ସହର ଏତେ ଆକର୍ଷଣୀୟ ଭାବେ ସଜେଇ ହୋଇଥାଏ ଯେ, ଯାହାକୁ ଆଖିରେ ନ ଦେଖିଲେ ବିଶ୍ୱାସ କରିବା ଅସମ୍ଭବ। ତା'ସହିତ ଆଗନ୍ତୁକଙ୍କୁ ଆକୃଷ୍ଟ କରିବା ପାଇଁ ଅନେକ ଛୋଟ ବଡ଼ ମେଳାର ବି ଆୟୋଜନ କରାଯାଇଥାଏ ଏହି ସମୟରେ। ସାଧାରଣରେ କହିବାକୁ ଗଲେ ଜୟପୁର ବୁଲିବାର ପ୍ରକୃତ ମଜା ସେତେବେଳେ ଆସେ, ଯେବେ ଦୀପାବଳି ଅବସରରେ ଛୁଟି କଟାଇବାର ସୁଯୋଗ ଏଠାରେ ମିଳେ।

**କଲିକତା:** ନିଜର ବିବିଧତା, ବିଶେଷତା, ସାହିତ୍ୟ, ସଂସ୍କୃତି ବ୍ୟତୀତ ପର୍ବପର୍ବାଣି କ୍ଷେତ୍ରରେ ବି କଲିକତା ସବୁବେଳେ ଖାସ୍ ରହିଆସିଛି। ଦଶହରା ହେଉ ଅବା ଦୀପାବଳି ପର୍ବକୁ ବେଶ୍ ଆନନ୍ଦ ଉତ୍ସାହର ସହ ପାଳିଥାନ୍ତି ଏଠାକାର ବାସିନ୍ଦା। ଦୀପ ଜାଳି, ରଙ୍ଗିନ ଆଲୋକମାଳାରେ ଘରଦ୍ୱାର ସଜାଇ, ବନ୍ଧୁବାନ୍ଧବଙ୍କ ସହ ମଜାମଜ୍‌ଲିସ୍‌ରେ ଏଠାକାର ଲୋକେ ଏତେ ମଜ୍ଜି ଯାଇଥାନ୍ତି ଯେ, ପାର୍ବଣର ରଙ୍ଗ ଏଠାରେ ଆହୁରି ରଙ୍ଗିନ ହୋଇ ଉଠେ। ସେହିପରି ଏଠାକୁ ବୁଲି ଆସୁଥିବା ଆଗନ୍ତୁକ ବି ଏଠାରେ ଦୀପାବଳିର ଭରପୂର ମଜା ନେବା ସହ ଏଠାରେ ଥିବା ଅନେକ ମାତା କାଳୀଙ୍କର ମନ୍ଦିର ବୁଲିବାର ଆନନ୍ଦ ଲଭିଥାନ୍ତି।

ତେବେ କେବଳ ଏହିସବୁ ସ୍ଥାନ ନୁହେଁ, ଅମୃତସର, ଶିବକାଶୀ, ଗୁଜରାଟ, ଗୋଆରେ ବି ଦୀପାବଳିକୁ ବେଶ୍ ଧୁମ୍‌ଧାମ୍‌ରେ ପାଳନ କରାଯାଇଥାଏ; ଯେଉଁଠାକୁ ପର୍ଯ୍ୟଟକ ଯାଇ ଛୁଟିରେ ଭରପୂର ଆନନ୍ଦ ଉଠାଇପାରିବେ।













# କାଗଜ ହାତୀର ରେକର୍ଡ

ପ୍ରତିବର୍ଷ ଶିକାରୀଙ୍କ ଦ୍ୱାରା ହଜାର ହଜାର ସଂଖ୍ୟାର ହାତୀ ଜୀବନ ହରାଉଛନ୍ତି। ଫଳରେ ହାତୀଙ୍କ ସଂଖ୍ୟା କମିବାରେ ଲାଗିଛି। ଏହାକୁ ନଜରରେ ରଖି ଆମେରିକାର ୱାଇଲ୍ଡ ଲାଇଫ କଞ୍ଜରଭେସନ ସୋସାଇଟି ହାତୀଙ୍କୁ ସମ୍ମାନ ଦେବା ତଥା ଏହି ସମସ୍ୟାକୁ ଲୋକଲୋଚନକୁ ଆଣିବା ପାଇଁ ଏକ ଅଭିନବ ଉପାୟ ଆପଣେଇ କାଗଜ ହାତୀ ତିଆରି କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ପୃଥିବୀର ବିଭିନ୍ନ ସ୍ଥାନରୁ ପ୍ରତିଯୋଗୀ ଆସି ଏଥିରେ ଅଂଶ ଗ୍ରହଣ କରି କାଗଜର ହାତୀ ତିଆରି କରିଥିଲେ। ଫଳରେ କାଗଜ ହାତୀର ଏକ ବିରାଟ ସଂଗ୍ରହ ହୋଇପାରିଥିଲା। ବ୍ରୋଙ୍କସ୍ ଚିଡିଆଖାନାରେ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ୭୮, ୫୬୪ଟି ରଙ୍ଗ ବିରଙ୍ଗର କାଗଜର ହାତୀ ତିଆରି ହୋଇଥିଲା। ଆମେରିକାର ୫୦ ରାଜ୍ୟ ସହ ଆହୁରି ୪୦ଟି ଦେଶର ଲୋକ ଏଥିରେ ସାମିଲ ହୋଇ କାଗଜ ହାତୀ ତିଆରି କରିଥିଲେ। ଫଳରେ ଏହା ଗିନିଜ୍ ୱାର୍ଲଡ ରେକର୍ଡସ୍‌ରେ ସବୁଠାରୁ ବଡ କାଗଜ ହାତୀ ସଂଗ୍ରହଭାବେ ସ୍ଥାନ ପାଇଲା।



## କାର୍ଟୁନ କର୍ନର



# ଅଙ୍ଗଦ ମିଛ କହିଲେ !

ଗତ ଥରଗୁଡ଼ିକରେ ହନୁମାନ କିଭଳି ମିଛ କହିଥିଲେ ଏବଂ ତାହା କେତେ ସତ, କେତେ ମିଛ, ସେ ବାବଦରେ ଆଲୋଚନା କରିଥିଲେ । ରାମଚରିତ ମାନସରେ ହନୁମାନଙ୍କ ପରି ଆଉ ଜଣେ ଚରିତ୍ର ହେଉଛନ୍ତି ବୀର ଅଙ୍ଗଦ । ସେ ମଧ୍ୟ ଗୋଟିଏ ସ୍ଥାନରେ ମିଛ କଥାଟିଏ କହିଛନ୍ତି । ସେ କହିଥିବା ମିଛ କଥାର ରହସ୍ୟ ଉନ୍ମୋଚନ କରିବା ହେଉଛି ଆଜିର ଆଲୋଚନାର ବିଷୟ ।  ଲଙ୍କା ଆକ୍ରମଣ କରିବା ପୂର୍ବରୁ ରଘୁନାଥ ରାମ ରାବଣଙ୍କୁ ଆଉ ଥରେ ଶେଷ ସତର୍କ ସୂଚନା ଦେବା ପାଇଁ ମନଃସ୍ଥ କରିବାରୁ ବାଳି ପୁତ୍ର ଅଙ୍ଗଦକୁ ଦୂତ ଭାବରେ ପଠା ଯିବାକୁ ନିଷ୍ପତ୍ତି ହେଲା । ଯଦି ହନୁମାନଙ୍କୁ ପୁନର୍ଶ୍ଚ ଏହି କାମ କରିବା ପାଇଁ ପଠା ଯାଇଥାନ୍ତା, ତେବେ ରାବଣ ଭାବିଥାନ୍ତା ଯେ ଶତ୍ରୁ ଶିବିରରେ ବୋଧେ କେବଳ ହନୁମାନଙ୍କ ଛଡ଼ା ଆଉ ଦ୍ୱିତୀୟ ବୀର କେହି ନାହାନ୍ତି ।

ଅଙ୍ଗଦ ଥିଲେ ଜଣେ ବୀର ଆଉ ଚତୁର । ଜଣେ  ଦୂତର  ଚାତୁର୍ଯ୍ୟପୂର୍ଣ୍ଣ ବାକ୍‌ପଟୁତା ଗୁଣଟିଏ ରହିବା ନିତାନ୍ତ ଜରୁରୀ, ଯାହା ଅଙ୍ଗଦ ମଧ୍ୟ ନିଜ କାର୍ଯ୍ୟରେ ପ୍ରମାଣିତ କରି ଦେଖାଇଛନ୍ତି ।

ଲଙ୍କାରେ ପହଞ୍ଚି ଅଙ୍ଗଦ ପ୍ରଥମେ ବୋମା ଫୁଟାଇବା ପରି ଏକ କାର୍ଯ୍ୟ କରି ସମସ୍ତ ରାକ୍ଷସଙ୍କୁ ଭୟଭୀତ କରାଇଦେଲେ । ଅଙ୍ଗଦଙ୍କୁ କପି ବୋଲି ମନେକରି ରାବଣର ପୁତ୍ର ନାତଟିଏ ମାରିବାରୁ ଅଙ୍ଗଦ ତାକୁ ଦୁଇ ହାତରେ ବୁଲାଇ ବୁଲାଇ ଦୂରକୁ ଏଡ଼େ ଜୋରରେ ଫିଙ୍ଗି ଦେଲେ ଯେ ସେ ସେଇଠି ରକ୍ତବାନ୍ତି କରି ଶେଷ । ଚାରିଆଡ଼େ ଚହଳ ପଡ଼ିଗଲା ଯେ ଯେଉଁ ମାଙ୍କଡ଼ଟି ପୂର୍ବରୁ ଲଙ୍କା ପୋଡ଼ି ଦେଇଯାଇଥିଲା, ସେ ପୁଣି ଲେଉଟି ଆସିଛି । ଏହାର



## ଚିନ୍ମୟ ଚିନ୍ତନ

**ଶ୍ରୀ ସନ୍ନ୍ୟାସୀ ଜୀ**

ଫଳ ସ୍ୱରୂପ ଅଙ୍ଗଦଙ୍କୁ ରାବଣର ରାଜସଭାକୁ ଯିବା ପାଇଁ ବାଟ ବାବଦରେ କାହାକୁ ପଚାରିବାକୁ ପଡ଼ିନି । ରାକ୍ଷସ ପ୍ରହରୀମାନେ ଭୟରେ ଅଙ୍ଗଦଙ୍କୁ ସସମ୍ମାନେ ନେଇ ରାବଣ ଦରବାରରେ ହାଜର କରାଇ ଦେଲେ ।

ରାବଣ ଜାଣିଲା ଯେ ଅଙ୍ଗଦ ହେଉଛି କିସ୍କିନ୍ଧାର ରାଜା ବାଳିର ପୁତ୍ର । ସେ ଏଇଠି 'ଭେଦ ନୀତି' ଆପଣାଇ ଅଙ୍ଗଦକୁ ବିବଶ କରିବା ପାଇଁ ଚେଷ୍ଟା କଲା । ରାବଣ କହିଲା – ହଇରେ ! ଯିଏ ତୋ ବାପାକୁ ମାରିଲା, ଏବେ ତୁ ତା'ର ଗୋଲାମ କରୁଛୁ। ଏବେ ସମୟ ଅଛି। ମୋ ପାଖକୁ ପଳେଇ ଆ । ଆମେ ସାଙ୍ଗ ରାମ ସଙ୍ଗେ ଯୁଦ୍ଧ କରିବା। ପ୍ରଭୁଙ୍କୁ ଅତି ନିକଟରୁ ଜାଣିଥିବା ଅଙ୍ଗଦ କି ଏଥିରେ ଭଳନ୍ତି।

ଏଥିରେ  ସଫଳ ନ ହେବାରୁ ରାବଣ ତା'ର ଦ୍ୱିତୀୟ ଚାଲ୍ ଚଳେଇଲା । ରାମଙ୍କ ସେନା ବାହିନୀ ଉପରେ ଶାବଦିକ ଆକ୍ରମଣ କରି କହିଲା – ମୋ ସହିତ  ଯୁଦ୍ଧ କରିବା ପାଇଁ ରାମ ସାଙ୍ଗରେ କିଏ ଅଛି କହିଲୁ ? ସ୍ତ୍ରୀ କଥା ଚିନ୍ତା କରି ରାମ ଏବେ ଦୁର୍ବଳ, ପତଳା ହୋଇ ଗଲାଣି । ଲକ୍ଷ୍ମଣ ତ ଭୟଭୀତ ଅବସ୍ଥାରେ । ଜାମ୍ବବାନଟା ବୁଢ଼ା । ନଳ ନୀଳ ତ ମିସ୍ତ୍ରି ପୁଅ ।  ସୁଗ୍ରୀବ ହେଉଛି



ନଦୀ କୂଳର ଗଛ । ଏଠୁ ତଡ଼ା ଖାଇ ଯାଇଥିବା ମୋ ଭାଇ ବିଭୀଷଣକୁ ମୁଁ ଠିକ୍ ମାପିଛି । ସେଇଟା ଡରୁଆଟା । ତୁମମାନଙ୍କ ଭିତରେ କେବଳ ଜଣେ ବଲୁଆ ମାଙ୍କଡ ଅଛି ଯେ ଲଙ୍କା ପୋଡ଼ି ଦେଇଯାଇଛି । ସେଇ ହନୁମାନ ହିଁ ମୋ ସମକକ୍ଷ ଯୋଦ୍ଧା ହୋଇପାରେ ।

ରାବଣର ଏ କଥା ଶୁଣି ଅଙ୍ଗଦ ହସି କହିଲେ –

ଜୋ ଅତି ସୁଭଟ ସରାହେହୁ ରାୱନ
ସୋ ସୁଗ୍ରୀୱ କେର ଲଘୁ ଧାୱନ ॥
ଚଲଇ ବହୁତ ସୋ ବୀର ନ ହୋଇ
ପଠୱା ଖବରି ଲେନ ହମ ସୋଇ ॥

ହେ ରାବଣ ! ତୁମେ ଯେଉଁ ହନୁମାନଙ୍କୁ ବୀର ବୋଲି ମନେକରୁଛ ସେ ଆମ ସେନାର ଜଣେ ସାମାନ୍ୟ ଡାକ ପିଅନ । ବୀର ନୁହେଁ । ସେ ଖୁବ୍‌ଶୀଘ୍ର ଚାଲି ପାରେ ବୋଲି ଆମେ ତାକୁ ଖବର ସଂଗ୍ରହ ନିମନ୍ତେ ଲଙ୍କାକୁ ପଠାଇ ଥିଲୁ । ତାକୁ ତୁ ଭାବୁଚୁ ସେ ତୋ ସମକକ୍ଷ ଯୋଦ୍ଧା ବୋଲି ! ଭଲ କଥା । ଗୋଟିଏ ଖବରି ବା ଦୂତକୁ ଯଦି ତୁ ଏପରି ଭାବି ପାରୁଚୁ ତେବେ ଅନୁମାନ ଲଗା ଆମ ସେନାରେ କେମିତିଆ ବୀରମାନେ ଅଛନ୍ତି ।

ଆଚ୍ଛା ରାବଣ ! ସତରେ କ'ଣ ଜଣେ ବାନର ଆସି ତୋ ଲଙ୍କାକୁ ଜଳାଇ ଦେଇ ଯାଇଥିଲା ? ଯଦି ବାନରଟିଏ ଏପରି କାମ କରିପାରିଲା ତେବେ ତୋ ଲଙ୍କାଟା ନଗର ନୁହେଁ, ଗୋଟିଏ ଝୁମ୍ପୁଡ଼ି ଘର ହୋଇଥିବ । ଯଦି ଲଙ୍କା ପୋଡ଼ିଛି, ତେବେ ପୋଡ଼ିବା ଲୋକଟି କେବେ ବାନର ହୋଇ ନ ପାରେ । ତୋ ରାଇଜ ସାରା ରାକ୍ଷସମାନେ ଜାଣି ପାରିଲେ ଯେ ବାନର ରୂପରେ କେହି ଜଣେ ଦେବତା ଆସି ସେ କାମ କରିଦେଇ ଗଲା ଅଥଚ ତୁ ମହା ପଣ୍ଡିତ ହୋଇ ମହାମୂର୍ଖଙ୍କ ପରି କହୁଚୁ କ'ଣ ନା ସେ ଗୋଟିଏ ବାନର ଥିଲା । ଏବେ ଆଉ ଗୋଟିଏ କଥା ଶୁଣୁରେ ଧନ !–

ସତ୍ୟନଗର କପି ଜାରେଉ ବିନୁ ପ୍ରଭୁ ଆୟସୁ ପାଇ
ଫିରି ନ ଗୟଉ ସୁଗ୍ରୀୱ ପହିଁ ତେହିଁ ଭୟ ରହା ଲୁକାଇ ॥

ସତରେ ଯଦି ସେ କପି ପ୍ରଭୁଙ୍କ ବିନା ଆଜ୍ଞାରେ ଲଙ୍କା ଦହନ କରିଛି, ସେ ପରା ସେଇଦିନଠୁ ଭୟରେ ସୁଗ୍ରୀବ ପାଖକୁ ନ ଯାଇ କେଉଁଠି ଲୁଚିକି ରହିଛି ।

ପାଠକେ ! ଏହା ଅଙ୍ଗଦର ସତ  ନା ଡାହା ମିଛ କଥା ? ପ୍ରଥମ ବାକ୍ୟଟି ଠିକ ଅଛି । ଲଙ୍କା ପୋଡ଼ିବାକୁ ଶ୍ରୀରାମଙ୍କ ନା ପ୍ରତ୍ୟକ୍ଷ ଆଦେଶ ଥିଲା ନା ହନୁମାନ ସଂକଳ୍ପ କରିଯାଇଥିଲେ । କିନ୍ତୁ ଦ୍ୱିତୀୟ ବାକ୍ୟ 'ଫିରି ନ ଗୟଉ...' ତ ସମ୍ପୂର୍ଣ୍ଣ ମିଛ । ତେବେ ଅଙ୍ଗଦ ଏପରି ମିଛ କାହିଁକି କହିଲେ ?

ଅଙ୍ଗଦଙ୍କ ଏ କଥାକୁ ସ୍ଥୂଳ ଦୃଷ୍ଟିରେ ଚିନ୍ତା କଲେ ତାହା  ମିଛ  ପରି ପ୍ରତୀୟମାନ ହେଉଛି କିନ୍ତୁ ସୂକ୍ଷ୍ମ ଭାବରେ ଭାବିଲେ ବା ଭାବ ଦୃଷ୍ଟିରେ ଦେଖିଲେ  ତାହା ମିଛ ନୁହେଁ, ନିରାଟ ସତ୍ୟ କଥା । ଲଙ୍କାକୁ ଯେଉଁ ହନୁମାନ ଦହନ କରିଥିଲେ ସେ ହନୁମାନ ରାମ ବା ସୁଗ୍ରୀବ ପାଖକୁ ଫେରି ନାହାନ୍ତି । ଯିଏ ଫେରିଛନ୍ତି ସେ ଏକ ଅହଂ ଆଉ କର୍ତ୍ତୃତ୍ୱ ଶୂନ୍ୟ ହନୁମାନ । ମାନସରେ ବର୍ଣ୍ଣନା ଅଛି ରାମଙ୍କ ପାଖକୁ ଯାଉଥିବା ବାନରଙ୍କ ଶୋଭାଯାତ୍ରାର କୋଉ ଏକ କୋଣରେ ଥିଲେ ହନୁମାନ । ଲଙ୍କାରେ ଯାହା ଯାହା ଘଟିଲା ନା ସେ ବିଷୟରେ ବଢ଼େଇ ଦେଖାଇବାକୁ ଯାଇ ହନୁମାନଙ୍କର କାହା ସହ ଚର୍ଚ୍ଚା କରିବାର ଦେଖାଯାଇଥିଲା ନା ଆନନ୍ଦରେ ଡେଇଁବାର ଥିଲା । ପ୍ରଭୁ ଅନ୍ତର୍ଯ୍ୟାମୀ । ସେ ସବୁ କରାଉଛନ୍ତି । ଏହା ଭାବି ହନୁମାନ ନିଜକୁ କ୍ଷୁଦ୍ରାତି କ୍ଷୁଦ୍ର ମନେ କରୁଥିଲେ ଯାହା  ।

ହନୁମାନଙ୍କ କ୍ଷେତ୍ରରେ ଆମେ କେହି ଥିଲେ,  କେହି ନ ପଚାରୁଣୁ ଉପରେ ପଡ଼ି ବର୍ଣ୍ଣନା କରିଥାନ୍ତୁ । ବେକରେ ଫୁଲ ହାର ଗଳାଇ ଖୋଲା ଗାଡ଼ିରେ ଆଗରେ ଯାଇଥାନ୍ତୁ। ବାଜା ବାଣର ବ୍ୟବସ୍ଥା କରିଥାନ୍ତୁ।  ଆଗେ କେମିତି ଏ ଖବରଟା ଟିଭି, ରେଡିଓ, ଖବରକାଗଜରେ ପ୍ରକାଶିତ ହେବ ସେ ବିଷୟରେ ଚିନ୍ତା କରିଥାନ୍ତୁ । କିଛି ନ ହେଲେ ବି ଆଗେ ଫେସବୁକ୍ ବା ହ୍ୱାଟ୍ସଆପରେ ଛାଡ଼ି ଦେଇଥାନ୍ତୁ।  କୌଣସି କାମରେ ସଫଳତା ପାଇଗଲେ ବା ନ ହେବା କାମଟିଏ ତୁମ ଦ୍ୱାରା ହୋଇଗଲେ ତୁମେ ସେତେବେଳେ କେମିତି ହୁଅ ବା ଅନ୍ୟମାନେ କେମିତି ହୁଅନ୍ତି ଟିକେ ଭାବି ଦେଖନ୍ତୁ । କିନ୍ତୁ ସୀତା ମାତାଙ୍କ ସନ୍ଧାନଠାରୁ ଲଙ୍କା ପୋଡ଼ି ପର୍ଯ୍ୟନ୍ତ, ଏତେ ବଡ଼ କାର୍ଯ୍ୟ କରିସାରିବା ପରେ ବି ହନୁମାନ ଥିଲେ ସମ୍ପୂର୍ଣ୍ଣ ନୀରବ । ନା ମନରେ ଅଭିମାନ ଥିଲା ନା ଦେଖାଇ ହେବାର ପ୍ରବୃତ୍ତି ଥିଲା । ଏପରି କି ରାମଙ୍କ ପାଖରେ ପହଞ୍ଚିବା ପରେ ମଧ୍ୟ ସେ ନିଜ ମୁଖରେ କିଛି ବାହାଦୁରି ଗପି ନାହାନ୍ତି । ପ୍ରଥମେ ଜାମ୍ବବାନ ହିଁ ସବୁ କଥା ପ୍ରଭୁଙ୍କୁ ଶୁଣାଇଛନ୍ତି । ହନୁମାନଙ୍କର ଏହି ଗୁଣଟି ଜୀବନରେ ପ୍ରୟୋଗ କରାଯାଉ ନା । ଦେଖିବେ, କେତେ ଆନନ୍ଦ ଲାଗିବ । ପ୍ରଭୁ କୃପା ଝରିବ ।

*–ଦିବ୍ୟାଲୋକ ସନ୍ଧାନେ, ରାମନଗର, ତେଲେଙ୍ଗା ପେଣ୍ଠ, କଟକ*

## ପୁସ୍ତକ ସମୀକ୍ଷା

### ମୁହୂର୍ତ୍ତର ମାନଚିତ୍ର

**ଲେଖକ–ଡ. ରଜନୀରଞ୍ଜନ**
**ପ୍ରକାଶକ–ପକ୍ଷୀଘର ପ୍ରକାଶନୀ, ଭୁବନେଶ୍ୱର**
**ମୂଲ୍ୟ–୨୦୦ ଟଙ୍କା**



'ମୁହୂର୍ତ୍ତର ମାନଚିତ୍ର' ପୁସ୍ତକ ଡ.ରଜନୀରଞ୍ଜନଙ୍କ ଧାରାବାହିକ ଡାଏରୀ ଲେଖାକୁ ଏକତ୍ର କରି ପ୍ରକାଶ ପାଇଛି। କିନ୍ତୁ ଲେଖକ ଏହାକୁ ତାଙ୍କର ଗଳ୍ପ ସଂକଳନ ବୋଲି ଅଭିହିତ କରିଛନ୍ତି। ଏଥିରେ ପ୍ରଥମ ଗଳ୍ପର ନାମ ଟାଇମପାସ୍ ଦେଇଛନ୍ତି। ସେ ଏଠାରେ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ନନ୍ଦନକାନନ ବଟାନିକାଲ ଗାର୍ଡେନକୁ ପିକ୍‌ନିକ୍ ପାଇଁ ଯାଉଥିବା କଥା ଉଲ୍ଲେଖ କରିଛନ୍ତି। ସାନୁ, ଅନୁ ଓ କବିତା ଚରିତ୍ରକୁ ଗପ ମାଧ୍ୟମରେ ସୁନ୍ଦରଭାବେ ଚିତ୍ରଣ କରିଛନ୍ତି। ରଜନୀରଞ୍ଜନ ଜୀବନର ବାସ୍ତବ ଘଟଣାବଳୀକୁ ଅନୁଭବ କରି ପୁସ୍ତକଟିରେ ସୁନ୍ଦର ବିଷୟମାନ ନେଇ ଲେଖନୀ ଚାଳନା କରିଛନ୍ତି। ସତ୍ୟ ଉପରେ ଆଧାରିତ ତାଙ୍କ ଲେଖାଗୁଡ଼ିକରେ ଅଛି ଦୁଃଖ, ବିଷାଦ, ହର୍ଷ, ଆନନ୍ଦ ଓ ପ୍ରତିଟି ସମସ୍ୟା ସମାଧାନ ପାଇଁ ସୂତ୍ର। ପୁସ୍ତକଟିରେ ରଜନୀରଞ୍ଜନ ଯେଉଁ ବିଷୟଗୁଡ଼ିକୁ ବାଛିଛନ୍ତି ତାହା ସୁନ୍ଦର ଏବଂ ଚମତ୍କାର । ପୁସ୍ତକଟି ନିଶ୍ଚୟ ବକ୍ଷଲଗ୍ନା ହେବ।

### ପୁଷ୍ପ ଚେତନା

**ପ୍ରତିଜ୍ଞା ଦେବୀ (ସାମନ୍ତ)**
**ପ୍ରକାଶକ–ଗ୍ରନ୍ଥ ମନ୍ଦିର, କଟକ, ମୂଲ୍ୟ–୪୫୦ଟଙ୍କା**



ପୁଷ୍ପ ଚେତନାର ଲେଖକ ପ୍ରତିଜ୍ଞା ଦେବୀ (ସାମନ୍ତ) । ସେ ପୁସ୍ତକରେ ଫୁଲକୁ ପ୍ରକୃତିର ଦିବ୍ୟ ନିବେଦନ ବୋଲି ବିବେଚନା କରିଛନ୍ତି। ଫୁଲ ସମଭାବାପନ୍ନ, ତା' ଭିତରେ ନାହିଁ ପାତର ଅନ୍ତର। ପ୍ରତ୍ୟେକେ ତା'ର ସୌନ୍ଦର୍ଯ୍ୟ ଓ ସୁରଭି ଉପଭୋଗ କରିପାରନ୍ତି। ଫୁଲର ସୌମ୍ୟ ସୁନ୍ଦର ଗୁଣଗୁଡ଼ିକୁ ଯିଏ ନିଜର କରିପାରେ ସେ ଯଥାର୍ଥରେ ସୁଖୀ। ପୁଷ୍ପର ଆବଶ୍ୟକତା ବିଷୟରେ ମଧ୍ୟ ପୁସ୍ତକରେ ବର୍ଣ୍ଣନା କରାଯାଇଛି। ସେହିପରି ଫୁଲଗୁଡିକର ମହକ ଓ ସୌରଭ ବିଷୟରେ ଶ୍ରୀମା କହିଛନ୍ତି, ପୁଷ୍ପର ସୌରଭ ହେଉଛି ସ୍ଥୂଳ ପ୍ରକୃତିର ପରମଙ୍କ ନିକଟରେ ଏକ ନୈବେଦ୍ୟ। ଏହି ସୁଗନ୍ଧ ଯୋଗୁ ବିଶେଷଭାବେ ଫୁଲଗୁଡିକର ନାମକରଣ କରିଛି। ବିନ୍ଦୁରେ ସିନ୍ଧୁ ଦର୍ଶନ ଏକ ମହାନ୍ ସାଂସ୍କୃତିକ ପରମ୍ପରା। ସେହି ଭାରତୀୟ ପରମ୍ପରାରେ ଉଦ୍‌ବୃଦ୍ଧ ହୋଇ ଏହି ପୁଷ୍ପ ଚେତନା ଗ୍ରନ୍ଥ ପ୍ରକାଶିତ। ପୁସ୍ତକଟି ପାଠକଙ୍କୁ ନିଶ୍ଚୟ ବାନ୍ଧି ରଖିବ ଏଥିରେ ନିଃସନ୍ଦେହ ରହିବାକୁ ହୁଏ।

### ଆତ୍ମ ଚରିତ

**ନାରାୟଣ ମହାପାତ୍ର**
**ପ୍ରକାଶକ– ଆମରି ସତ୍ୟ, ଖୋର୍ଦ୍ଧା, ମୂଲ୍ୟ–୩୦୦ ଟଙ୍କା**



ବିଶିଷ୍ଟ ଶିକ୍ଷକ ନାରାୟଣ ମହାପାତ୍ରଙ୍କ  ଆତ୍ମ ଚରିତ ପ୍ରକାଶ ପାଇଛି। ଏହାର ସମ୍ପାଦକ ରହିଛନ୍ତି କୃଷ୍ଣଚନ୍ଦ୍ର ମହାପାତ୍ର । ନାରାୟଣ ଥିଲେ ଜଣେ ଆଦର୍ଶ ଶିକ୍ଷକ। ତାଙ୍କ ଛାତ୍ରୀଛାତ୍ରମାନେ ଏହି ଆତ୍ମ ଚରିତରେ ସାରଙ୍କ ଶିକ୍ଷକତାରେ ଯେଉଁ ପରାକାଷ୍ଠା ଓ ନିଷ୍ଠା ଥିଲା ସେ ବିଷୟରେ ବର୍ଣ୍ଣନା କରିଛନ୍ତି। ଏଥିରେ ନାରାୟଣ ମଣିଷ ଜୀବନର ଆଦର୍ଶ ଓ ମୂଲ୍ୟବୋଧ ବିଷୟରେ ବହୁ ନୀତିଶିକ୍ଷା ଦେଇଛନ୍ତି। ଶେଷ ପର୍ଯ୍ୟନ୍ତ ସେ କର୍ମ ଓ ବୃତ୍ତିକୁ ପ୍ରାଧାନ୍ୟ ଦେଇ ଲକ୍ଷ୍ୟସ୍ଥଳରୁ ବିଚ୍ୟୁତ ହୋଇ ନାହାନ୍ତି। ଏକାଧାରରେ ଏ ପୁସ୍ତକ ହେଉଛି ଆଦର୍ଶ ଓ ଉପଦେଶ ସମ୍ବଳିତ ବିଭିନ୍ନ ସନ୍ଦେଶର ଏକ ପ୍ରଜ୍ଞା ପୀୟୂଷ। ମାନବିକତାର ମୂଲ୍ୟବୋଧରେ ପରିପୁଷ୍ଟ ଉତ୍ତର ପିଢ଼ି ଓ ଯୁବଗୋଷ୍ଠୀଙ୍କ ପାଇଁ ଏହା ଏକ ଅମୂଲ୍ୟରତ୍ନ। ବହିଟି ସମସ୍ତଙ୍କ ପାଇଁ ନିଶ୍ଚୟ ପଥିକୃତ୍ ସାବ୍ୟସ୍ତ ହେବ, ଏଥିରେ ସନ୍ଦେହ ନାହିଁ।

# ଶାକାହାରୀ କୁମ୍ଭୀର

କୁମ୍ଭୀର ଏକ ମାଂସାହାରୀ ପ୍ରାଣୀ ବୋଲି ସମସ୍ତେ ଜାଣନ୍ତି। ତା'ର ତୀକ୍ଷ୍ଣ ଧାରୁଆ ଦାନ୍ତରୁ କେହି ବର୍ତ୍ତି ପାରନ୍ତି ନାହିଁ। ଏମିତିରେ ଆମେ ଯଦି କହିବୁ ଯେ, ଏମିତି ଏକ କୁମ୍ଭୀର ଅଛି ଯେକି ସମ୍ପୂର୍ଣ୍ଣଭାବେ ଶାକାହାରୀ। ତେବେ କେହି ବିଶ୍ୱାସ କରିବେ ନାହିଁ। କିନ୍ତୁ ପ୍ରକୃତରେ ଏମିତି ଏକ କୁମ୍ଭୀର କେରଳ କାସରଗୋଡ ଜିଲାରେ ଥିବା ଅନନ୍ତପୁର ମନ୍ଦିର ଅଛି, ଯାହାର ନାମ ହେଉଛି 'ବବିୟା'। ଉକ୍ତ ମନ୍ଦିର ଏକ ହ୍ରଦର ମଝିରେ ଅଛି। ଆଉ ଏହି ହ୍ରଦରେ ରହେ ବବିୟା। ଦେଖିବାକୁ ଭୟଙ୍କର, ହେଲେ ସେ ଆଜିପର୍ଯ୍ୟନ୍ତ କାହାକୁ କ୍ଷତି ପହଞ୍ଚାଇ ନାହିଁ। ମନ୍ଦିରର ଜଗୁଆଳୀ ଭାବେ ଦୀର୍ଘ ୬୦ ବର୍ଷ ଧରି ବବିୟା ଏହି ହ୍ରଦରେ ଅଛି। ହ୍ରଦରେ ଅନେକ ମାଛ ଅଛନ୍ତି, ଆଶ୍ଚର୍ଯ୍ୟର କଥା ସେମାନଙ୍କର ବି କୌଣସି କ୍ଷତି କରି ନ ଥାଏ ବବିୟା। ସେ କେବଳ ମନ୍ଦିରରେ ଭୋଗ ଲଗାଯାଉଥିବା ଚାଉଳ ଓ ଗୁଡର ପ୍ରସାଦ ଖାଇଥାଏ। ମନ୍ଦିରର ପୂଜାରୀ ତାକୁ ନିଜ ହାତରେ ଖୁଆଇ ଥାନ୍ତି। କାରଣ ବବିୟା





ତଳେ ରଖାଯାଇଥିବା ପ୍ରସାଦ ଖାଇ ନ ଥାଏ। ଏହି ଦୃଶ୍ୟ ଦେଖି ଲୋକଙ୍କର ଆଶ୍ଚର୍ଯ୍ୟର ସୀମା ରହି ନ ଥାଏ। ମନ୍ଦିରର କର୍ମଚାରୀ କୁହନ୍ତି, ପୂଜକଙ୍କ ସହିତ କୁମ୍ଭିର ବବିୟାର ନିବିଡ ସମ୍ପର୍କ ରହିଛି। ପୂଜକ ଡାକିବା ମାତ୍ରେ ବବିୟା ଚାଲିଆସେ। ଏଠାରେ ମାନ୍ୟତା ରହିଛି ଯେ, ଯେଉଁ ଭକ୍ତ ଏହି କୁମ୍ଭୀରର ଦର୍ଶନ ପାଆନ୍ତି ସେମାନେ ବହୁତ ଭାଗ୍ୟଶାଳୀ। ଆଉ ପୂଜାରୀ କହନ୍ତି, ଏହି ହ୍ରଦରେ ଥରକରେ ଗୋଟିଏ କୁମ୍ଭୀର ରହିଥାଏ। ସେହି କୁମ୍ଭୀରର ମୃତ୍ୟୁପରେ ରହସ୍ୟମୟଭାବେ ଆପେ ଆଉ ଏକ କୁମ୍ଭୀର ଆସିଯାଏ।





ବ୍ୟାକ୍ ପେଜ୍

# ଦଉଡି ଉପରେ ଚାଲିପାରନ୍ତି ପୂରା ଗାଁ

ବିଭିନ୍ନ ମେଳା ମହୋତ୍ସବରେ ବହୁ ଉଚ୍ଚତାରେ ବନ୍ଧା ଯାଇଥିବା ଦଉଡି ଉପରେ ଚାଲୁଥିବା କୁନି କୁନି ଝିଅ, ପୁଅ, ମହିଳାଙ୍କୁ ଦେଖିବାର ମଜା ଅଲଗା। ବଡ ଆଶ୍ଚର୍ଯ୍ୟ ଲାଗେ ସନ୍ତୁଳନ ରକ୍ଷା କରି କିଭଳି ସେମାନେ ସରୁ ଦଉଡି ଉପରେ ଚାଲନ୍ତି। ଏଥିରେ ଜୀବନ ପ୍ରତି ବିପଦ ବି ଥାଏ। ତେଣୁ ସମସ୍ତଙ୍କ ପକ୍ଷେ ଏଭଳି କରିବା ସମ୍ଭବ ନୁହେଁ। ହେଲେ ଜାଣି ଆଶ୍ଚର୍ଯ୍ୟ ହେବେ ଋଷୀୟାରେ ଏକ ଗାଁ ଅଛି, ଯେଉଁଠି ପିଲାଠୁ ବୁଢାଯାଏଁ ସମସ୍ତେ ଦଉଡି ଉପରେ ଚାଲିବା କଳାରେ ମାହିର ଅଟନ୍ତି। ଏହି ଗାଁର ନାମ ହେଉଛି ସୋୱାକ୍ରା–୧। କେବେଠାରୁ ଏହି ଗାଁରେ ଉକ୍ତ କଳାର ଆରମ୍ଭ ତାହା ସଠିକ୍‌ଭାବେ ଜଣା ନାହିଁ। ତେବେ ବିଶ୍ୱାସ କରାଯାଏ ପ୍ରାୟ ୧୦୦ ବର୍ଷ ହେବ ଏହି ଧାରା ଚାଲି ଆସିଛି। ଏଥିପାଇଁ ଏଠାକାର କିଛି ଲୋକ ସର୍କସରେ କାମ କରିବାର ସୁଯୋଗ ବି ପାଇଛନ୍ତି। ଅନେକେ କହନ୍ତି, ଏହି ଅଞ୍ଚଳ ପାହାଡ ଘେରରେ ରହିଛି। ଏଠାକାର ଅନେକ ରାସ୍ତା ଦୁର୍ଗମ ଅଞ୍ଚଳ ଦେଇ ଯାଇଛି। ତେଣୁ ଦଉଡି ଉପରେ ଯିବା ଏକ ଭଲ ବିକଳ୍ପ। ତାଛଡା ବେଳେବେଳେ ତୋଫାନରେ ଅସ୍ଥାୟୀ ପୋଲ ଓ ରାସ୍ତା ଭାଙ୍ଗିଯାଏ। ନଦୀ ପାର ହେବା କଷ୍ଟକର ହୋଇଯାଏ। ସେତେବେଳେ ଦଉଡି ଉପରେ ଚାଲିଯିବା ଏକମାତ୍ର ପନ୍ଥା ପାଲଟେ। ଏହାବାଦ ଏଠାରେ ଚାଷବାସ ବି ହୁଏନା। ତେଣୁ ଏହି କଳା ଶିଖି ସେମାନେ କିଛିଟା ରୋଜଗାରକ୍ଷମ ହୋଇପାରନ୍ତି।







# ମଣିଷ ପିଲା ପରି କାନ୍ଦେ ଚଢେଇ

ପିଲାଙ୍କ ହସ ଦେଖିଲେ ସମସ୍ତେ ଖୁସି ହୁଅନ୍ତି। କିନ୍ତୁ ସେମାନଙ୍କ କାନ୍ଦ ହୃଦୟକୁ ବିଚଳିତ କରିଦିଏ। ଜାଣନ୍ତି କି ଏମିତି ଏକ ଚଢେଇ ଅଛି ଯେକି ଅବିକଳ ଛୋଟ ପିଲାଙ୍କ ପରି କାନ୍ଦିଥାଏ। ଅର୍ଥାତ୍ ସେ ଏମିତି ବୋବାଏ ଲାଗେ ସତେ ଯେମିତି ଏକ ପିଲା କାନ୍ଦୁଛି। ଲାୟରବାର୍ଡ ନାମକ ଏହି ପକ୍ଷୀର ଏଭଳି ସ୍ୱର ଶୁଣିଲେ ଯେ କେହି ଭ୍ରମରେ ପଡିଯାଆନ୍ତି। ଆଉ କେଉଁଠି ଏକ ପିଲା କାନ୍ଦୁଛି ବୋଲି ଭାବନ୍ତି। ତେବେ ପ୍ରକୃତ କଥା ହେଉଛି ଶବ୍ଦକୁ ଶୁଣି ମନେ ରଖିବା ଶକ୍ତି ଏହି ପକ୍ଷୀର ଅଛି। ତାସହ ଅବିକଳ ସେହିଭଳି ଶବ୍ଦ କରି ବୋବାଇବାର ବି ଅଜବ କଳା ତା'ର ଅଛି। ନିକଟରେ ସିଡନୀର ତରୋଙ୍ଗ ଚିଡିଆଖାନାରେ ଥିବା ଏକ ଲାୟର ବାର୍ଡ ଏଭଳି ବୋବାଇ ଚର୍ଚ୍ଚାର ବିଷୟ ପାଲଟିଥିଲା। ଚିଡିଆଖାନା କର୍ମକର୍ତ୍ତାଙ୍କ ଅନୁସାରେ ଚଢେଇଟି କିଛିଦିନ ପୂର୍ବେ ଏକ ପିଲା କାନ୍ଦୁଥିବା ଶୁଣିଥିଲା। ତେଣୁ ତାକୁ ମନେ ରଖି ସେ ବି ପିଲାଙ୍କ ପରି ବୋବାଇ କାନ୍ଦିବାକୁ ଲାଗିଲା। ଏହି ଚଢେଇ ଆହୁରି ଅନେକ ପ୍ରକାରର ଶବ୍ଦ ମଧ୍ୟ ବାହାର କରିପାରେ।